ମେଘଦୂତ

ପୂର୍ବମେଘ

(ରାଗ- କଳହଂସକେଦାର)

ଦକ୍ଷିଣଦେଶେ ରାମଗିରି ଶୋଭନ, ବିମଳ ଶୁଭ୍ର ଯହିଁ ନଦୀ ଜୀବନ
ଜନକକନ୍ୟା ସ୍ନାନେ ପବିତ୍ର ଅତି, ପୂର୍ଣ୍ଣଗହଳ ଯହିଁ ତରୁ-ବ୍ରତତୀ ।
ତହିଁ କୁବେର ଶାପେ ହୋଇ ପ୍ରେରିତ, ରହିଲା ଯକ୍ଷ ଦୁଃଖେ ଆତୁର ଚିତ୍ତ ।

ବ୍ସ୍ୱର୍ ଅନ୍ତେ ହେବ ଶାପ ମୋଚନ, ବସ୍ୱର ଅନ୍ତେ ହେବ
କାନ୍ତା ମିଳନ ।
ଗମିଲା କେତେ କାଳ ସେ ଧରାଧରେ, ବାଳାବିରହୀ କାମୀ
ଯକ୍ଷ କାତରେ ।
କ୍ରମେ ଶରୀର କାନ୍ତି ହେଲା ବିଲୟ, ଖସିଲା ଶୀର୍ଣ୍ଣ କରୁ ସ୍ୱର୍ଣ୍ଣ
ବଳୟ ।
ଆଷାଢ଼ ଆଦ୍ୟ ଦିନେ ଶିଖରି ଶିର, ଘୋଟିଲା ଆସି
ଘନନୀଳମୁଦ୍ରିର,
କ୍ରିଡ଼ା ନିମନ୍ତେ ବପ୍ରେ କରୀ ଯେସନ, ତେସନେ ମନୋରମ
ଦିଶଇ ଘନ ।
କେତକୀ ପ୍ରକାଶକ ଘନ ଦର୍ଶନେ, ଅଧୀର ଯକ୍ଷ ପୂର୍ବସୁଖ
ସ୍ମରଣେ ।
ବେଗେ ବୋହିଲା ଶୋକ ଅଶୃ ନୟନେ, କହି ନୁହଇ କେତେ
ପାଞ୍ଚିଲା ମନେ ।
ଅଙ୍ଗନା ସଙ୍ଗେ ମଧ୍ୟ ଥିଲା ଲୋକର, ଘନାଗମେ ଆକୁଳ ହୁଏ
ଅନ୍ତର ।
ପ୍ରାଣସଙ୍ଗିନୀ-ସଙ୍ଗମୁଖ ହଜାଇ, ଆତୁର ଯକ୍ଷ ତାର କଥା ତ

ନାହିଁ ।
ନିଜ କୁଶଳ ବାର୍ତ୍ତା ମେଘ ହସ୍ତରେ, ପ୍ରେରିବ ପ୍ରିୟା ପାଶେ
ନିଜ ନଗରେ ।
ପାଇ ବାରତା କାନ୍ତା ହୋଇବ ସ୍ଥିର, ଆଶାପ୍ରଭା ଶୋଷିବ ତା
ନେତ୍ରନୀର ।
ଏ ଭାବେ ପ୍ରାଣ-କାନ୍ତା-ଦୁଃଖେ ବିକଳ, ଅର୍ଘ୍ୟ ସ୍ୱରୂପେ ଦେଲା
ନିର୍ଝର ଜଳ ।
ପୂଜିଣ ଜୀମୂତଙ୍କୁ କୁଟଜ ଆଣି, ତା ଅନ୍ତେ ପଚାରଇ ସ୍ୱାଗତ
ବାଣୀ ।
ଧୂମଜ୍ୟୋତିଃସଲିଳବାୟୁ-ରଚିତ, କାହିଁ ଜୀମୂତ ? ସେହୁ
ଜୀବ-ବର୍ଜିତ ।
ମାନବ ବହନୀୟ କାହିଁ ସନ୍ଦେଶ, ଯକ୍ଷ ନ ବିଚାରିଲା ଏଥି
ବିଶେଷ ।
ଉତ୍କଣ୍ଠାକୁଳ ହୋଇ ଘନକୁ ଭାଷେ, ସଜୀବ ମଣି ହୃଦକଥା
ପ୍ରକାଶେ ।
ଅଙ୍ଗ ଘାରଇ ଯାର ଅନଙ୍ଗ ବାଣ, ଚେତନ ଅଚେତନ ତାର
ସମାନ ।

ପୁଷ୍କର ଆବର୍ତ୍ତକ୍ ବଂଶେ ସମ୍ଭୁତ, ବିଖ୍ୟାତ ଧରାତଳେ ଅଟ
ଜୀମୁତ ।
କାମଚାରୀ ସଚିବ ତୁମ୍ଭେ ଇନ୍ଦ୍ରର, ବିରହୀ ଜନଠାରେ କରୁଣା
କର ।
ବିଫଳ ହୁଏ ଯେବେ ମୋର କାମନା, ଜଳଦ ! ନ କରଇ
ତହିଁ ଭାବନା ।
ଫଳବତୀ ପ୍ରାର୍ଥନା ଅଧମଠାରେ, ନିନ୍ଦନୀୟ ଅଟଇ ମୋର
ବିଚାରେ ।
ତାପିତ ଜନଙ୍କର ଅଟ ଶରଣ, ହେ ନୀରଦ୍ ରଖ ମୋ ପ୍ରିୟା
ଜୀବନ ।
ଧନପତି ଶାପେ ମୁଁ କାତର ଅତି, ମୋ ବିନା କାତର ସେ ବର
ଯୁବତୀ ।
ଯାଅ ମୋ ବାର୍ତ୍ତା ଘେନି ହେ ନୀରଧର, ଅଳକା ନଗରୀକି,
ଯହିଁ ସୁନ୍ଦର,

ବହିରୁଦ୍ୟାନେ ଛନ୍ତି ଶଶିଶେଖର, ସେ ଶଶି କରେ ଧଳା ସୌଧନିକର ।
ତୁମ୍ଭ ଦର୍ଶନେ ପାନ୍ଥ ବନିତାକୁଳ, ହୃଦୟେ ବିକଶିବ ଆଶା ମୁକୁଳ ।
ଧରିଣ ବେଣୀ ବାମ କରକମଳେ, ଦେଖିବେ ଗତି ତୋର ଅମ୍ବର ତଳେ ।
କେ କ୍ରୁର ଏ କାଳରେ ବିଦେଶେ ଥାଇ, ବନିତା ମନ ଖେଦ ହ୍ରଦେ ବୁଡ଼ାଇ ।
ନିଶ୍ଚିନ୍ତରେ ରହଇ କହ ମୋ ବିନା, ପରାଧୀନର ଘନ ଏ ଗତି ସିନା ।
ଅନୁକୂଳ ସମୀର ଧୀରେ ବହଇ, ବାମେ ଚାଳକ ମନୋହର କୂଜଇ ।
ତୋର ଉଦୟେ ତାର ଗର୍ବ ଉଦିତ, ଆକାଶ ଝଙ୍କାରଇ ଏଣୁ ତା ଗୀତ ।
ତୋର ଆଗମ କାଳେ ଯାଙ୍କ ଉତ୍ପତ୍ତି, ତୋତେ ସେବିବେ ସେହି ବକ ଦମ୍ପତି ।
ଧବଳ ପୁଣ୍ଡରୀକମାଳ ପରାୟେ, ଦିଶିବେ ଅଭିରାମ ତୋ

ଶ୍ୟାମକାୟେ ।

ନିଶ୍ଚେ ନାଗରୀ ମୋର ଥିବ ଜୀବନେ, ବ୍ୱାସ୍ରର ଗଣୁଥିବ

ଉତ୍ସୁକ ମନେ ।

ଅବଳାମନଃ-ପଦ୍ମ-ଆଶା-ମୃଣାଳେ, କଷ୍ଟେ ରହଇ ଘୋର

ବିରହକାଳେ ।

ଶୃତି ମଧୁର ତୋର ନାଦ ଗଭୀର, ଭୁଷଇ ଯେହ୍ନୁ

ଜରାଦେବୀଶରୀର ।

ନବ କ୍ନନ୍ଦଲ୍ନ ଦଳ ଶ୍ୟାମଳ ବାସେ, ମିଳାଇବ ତୋ ସଙ୍ଗୀ

ଆଣି ଆକାଶେ ।

ରାଜହଂସେ ଶୁଣିଲେ ତୋର ଗର୍ଜନ, ନିଳାମ୍ବୁ ମାନସକୁ ଯିବେ

ବହନ ।

ପାଥେୟରୂପେ ଘେନି ମୃଦୁ ମୃଣାଳ, କୈଳାସ ଯାଏ ସଙ୍ଗେ

ଯିବେ ମରାଳ ।

ପ୍ରିୟସଖା ତୋହର ଏ ଧରାଧର, ଦେହେ ଧରନ୍ତି ରାମଚନ୍ଦ୍ର

ପୟର ।

ତେଣୁ ଅଟନ୍ତି ଗିରି ଅତି ପବିତ୍ର, ମିତ୍ର ତୁମ୍ଭର ଗିରି ନୁହେଁ

ବିଚିତ୍ର ।

ଉଭୟେ ଯଥାକାଳେ ହେଲେ ମିଳିତ, ପ୍ରେମ-ଅଶ୍ରୁ-ପ୍ରବାହ ବହେ ତ୍ୱରିତ ।

ଅମ୍ବୁଦ ଗିରିଠାରୁ ମାଗ ମେଲାଣି, କାତର ଅଟଇ ମୁଁ ରଖ ମୋ ବାଣୀ ।

ତୁମ୍ଭ ଗମନଯୋଗ୍ୟ ମାର୍ଗ ନିର୍ଦ୍ଦେଶ, କରଇ ଅବଧାନ ହେଉ ବିଶେଷ ।

ଆତ୍ମ ସନ୍ଦେଶ ପୁଣି କହିବି ପରେ, ଶୁଣି ହରଷ ଜାତ ହେବ ଅନ୍ତରେ ।

କ୍ଳାନ୍ତ ହୋଇଲେ ଗିରିଶୃଙ୍ଗେ ରହିବ, କ୍ଷୀଣ ହୋଇଲେ ନଦୀ ବାରି ସେବିବ ।

ଏଣୁ ହୋଇବ ସୁଖେ ତୁମ୍ଭ ଗମନ, କଷ୍ଟ ନୋହିବ ମୋହୋବାଞ୍ଛାପୂରଣ ।

ପୃଷ୍ଠା ୩

ଘନ ବେତସପୂର୍ଣ୍ଣ ଏ ସ୍ଥାନ ତ୍ୟଜି, ବେଗେ ଗଗନେ ଉଠ ଧୀରେ ଗରଜି ।

ଚକିତ ନୟନରେ ସିଦ୍ଧରମଣୀ, ଅନାଇବେ ତୁମ୍ଭଙ୍କୁ ବିସ୍ମୟ
ମଣି ।
ପରସ୍ପରେ ଭାଷିବେ ଦେଖ ଗୋ ସଇ, କି ଅବା ବାୟୁ
ଗିରିଶୃଙ୍ଗ ହରଇ ।
ଅନମ୍ବରେ ଅମ୍ବୁଦ ଦିଗବାରଣେ, ତ୍ୟଜିବେ କର-ଗର୍ବ ତୁମ୍ଭ
ଦର୍ଶନେ ।
ବଲ୍ମୀକଶିଖାଗ୍ରରୁ ହୋଇ ବାହାର, ସୁରେନ୍ଦ୍ର ଚାପଲତା ହୁଏ
ବାହାର ।
ରତନକାନ୍ତି ସ୍ରୋତ ଯେହ୍ନେ ଉଚ୍ଛୁଳେ, କି ଶୋଭା ପାଉଅଛି
ତୋ ଉରସ୍ତୁଳେ ।
ଏହି ରୂପେ ଜଳଦ କୃଷ୍ଣ ଦେହରେ, ମୟୁର ପୁଚ୍ଛ ଶୋଭା
ନୟନ ହରେ ।
ଯାହା ରୂପେ ମଜ୍ଜିଲା ଗୋପିକା ମନ, ତାହା ଉପମା ପାଇଁ
ତୁମ୍ଭେ ଭାଜନ ।
କ୍ଷମତା ଆଛି ତୋର ଶସ୍ୟ ବର୍ଦ୍ଧନେ, ଏଣୁ କୃଷକବାଳା ସ୍ଥିର
ଲୋଚନେ ।
ଦେଖିବେ ତୋ ମୋହନ ଛବି ଆକାଶେ, ଅନଭିଜ୍ଞା ସରଳା

ନେତ୍ର ବିଳାସେ ।
ମାନକ୍ଷେତ୍ରକୁ ଘନ କର ପ୍ରୟାଣ, ହଳ କର୍ଷଣ ଜାତ ମୃତ୍ତିକା
ଘ୍ରାଣ ।
ତୋଷିବ ନାସା ତୋର ତହୁଁ ଉତ୍ତରେ, ଲଘୁ ଗତି ରମିବୁ
ଶୂନ୍ୟସାଗରେ ।
ଗିରିଙ୍କର ତୁ ଅଟୁ ମଙ୍ଗଳକାରୀ, ଲିଭାଉ ଦାବାନଳ
ବିସର୍ଜିବାରି ।
ଶ୍ରାନ୍ତ ହୋଇଲେ ଆମକୂଟ ସଦନେ, ଗଲେ ସେବିବେ ଗିରି
ଅତି ଯତନେ ।
କ୍ଷୁଦ୍ରେ ଭଦ୍ରଭବନେ ନେଲେ ଶରଣ, ନିରାଶ ନ ହୁଅନ୍ତି
ଯାଚକଗଣ ।
ଗିରି ମହତ ପୁଣି ତୁ ହିତକର, ମସ୍ତକେ ସ୍ଥାନ ତୋତେ ଦେବେ
ଭୂଧର ।
ସେ କାଳେ ଦାବାନଳ ଗିରି କାନନେ, ଜଳୁଥିବ ହେ ଯେବେ
ବାରି ବର୍ଷଣେ ।
ନିଭାଇବ ଅନଳ ସଂଶୟ ନାହିଁ, ମହତ ଲୋକର ଏ ସୂରତୀ
ଭାଇ ।

ମହତଜନଠାରେ କରୁଣା କଲେ, ସେ କରୁଣା ନ ଯାଏ

କେବେ ବିଫଳେ ।

ଆଶୁ ସୁଫଳ ଜାତ ନିଶ୍ଚେ ହୁଅଇ, କରୁଣାପ୍ରଭା ପୁଣି

ପ୍ରତିଫଳଇ ।

ରସାଳଦ୍ରୁମ ହେମକାନ୍ତି ଫଳରେ, ବିନତ ହୋଇଥିବ ଗିରି

ପ୍ରାନ୍ତରେ ।

ତୁ ପୁଣି ଗିରି ଶିରେ ବସିବୁ ଯାଇ, ଦୂରୁ ସୁର-ମିଥୁନ ବିମାନେ

ଥାଇ ।

ମନୋରଞ୍ଜନ ଗିରିଶୋଭା ଦେଖିବେ, ନଗଙ୍କୁ ପୃଥ୍ୱୀ ସ୍ତନ

ବୋଲି ମଣିବେ ।

ସୁମେରୁ ଶିରେ ଗିରି ନୀଳକାନ୍ତି ଶିଖର, ପରେୟେ ଦିଶୁଥିବ

ତୋ କଳେବର ।

ବନେଚରଲଳନା କୋଳି-ନିଳୟ, ରାଜଇ କୁଞ୍ଜୀ, ତହିଁ ଅଳ୍ପ

ସମୟ ।

ରହି, ଅସାର-ଦାନେ ନବଜୀବନ, ତରୁଦଳକୁ ଦେଇ କର

ଗମନ ।

ଏଣୁଅନ୍ତେ ଅଗ୍ରତେ ରେବା ଦିଶଇ, ଶିଳା-ବିଷମ ବିନ୍ଧ୍ୟପାଦେ

ବହଇ ।

କରି-ଅଙ୍ଗ ରଚିତ ଭୁତି ଯେସନ, ତେସନେ ଏ ତଟିନୀ

ରମ୍ୟଦର୍ଶନ ।

ଅବଗାହନ୍ତି ବନ୍ୟବାରଣେ ତହିଁ, ଗଣ୍ଡରୁ ମଦ ସ୍ରବି ଜଳେ

ମିଶଇ ।

ତେଣୁ ନର୍ମଦା ତୀର ନିତ୍ୟ ବାସିତ, ଆଦରେ ସେ ସଲିଳ

ନେବ ତ୍ୱରିତ ।

ପୃଷ୍ଠା ୪

ସବଳ କାୟା ତୋର ଦେଖି ପବନ, ତୁଚ୍ଛ ନ ମଣି ଦେବେ

ପୃଷ୍ଠେ ଆସନ,

ସର୍ବତ୍ର ବଳହୀନ ହତ-ଆଦର, ବଳି ଲଭଇ ମାନ ରୀତି

ଭବର ।

ହରିତ ପୀତ ନୀପ କୁସୁମେ ବସି, ମଧୁ ପିଅଇ ଭୃଙ୍ଗ ସୁରସେ

ବସି ।

ଭ୍ରମନ୍ତି ମୃଗୀକୁଳ ସଦା ଆତୁର, ଭୁଞ୍ଜନ୍ତି ନବଜାତ ତୃଣ

ଅଙ୍କୁର ।
ପ୍ରମତ୍ତ ମତଙ୍ଗଜ ଶୁଣ୍ଢେ କାନନେ, ଘନଇ ଭୂମି ଗନ୍ଧ ଶ୍ୱାସ ପବନେ ।
ଚାତକେ ଉର୍ଦ୍ଧ୍ୱମୁଖେ ତରୁ ଉପରେ, ଅମ୍ବୁକଣା ଯାଚନ୍ତି ଆରତ ସ୍ୱରେ ।
ତୋହୋ କୃପାରେ ଧରାଦେହ ଶୀତଳ, ନବପଲ୍ଲବମୟ ତରୁ ସଫଳ,
ସାନନ୍ଦ ତୃଣଜୀବୀ ଏକାଳ ପାଇ, ଶୁଝିବେ ତୋହୋ ମାର୍ଗ ଋଣ ଦର୍ଶାଇ ।
ବାରି ଶୀକର ଯେବେ ତୋ ଦେହୁ ଖସେ, ଉଡ଼ନ୍ତି ଚାତକାଳି ନଭେ ଉଲ୍ଲାସେ ।
ଏକାଳେ ସିଦ୍ଧଗଣ ବନିତା ସଙ୍ଗେ, ବଳାକା ପଙ୍କତି ଦେହି ହସିବେ ରଙ୍ଗେ,
ସରଳା ମନୋରମା ସିଦ୍ଧ ରମଣୀ, ଅଙ୍ଗୁଳି ନିର୍ଦ୍ଦେଶରେ ବଳାକା ଗଣି ।
ଚାହୁଁଥିବେ କାନ୍ତାଙ୍କୁ ସ୍ନିଗ୍ଧ ଲୋଚନେ, ଏକାଳେ ବଳାହକ ଭୀଷଣ ସ୍ୱନେ ।

ପୂରିବ ବନଭୂମି କୌତୁକ ଭୟେ, ଭିଡ଼ିବେ କାନ୍ତତନୁ ବାଳା
ନିଶ୍ଚୟେ,
ସିଦ୍ଧ ମାନସ ତହୁଁ ତୁଷ୍ଟ ହୋଇବ, ତୋ ଅଗମନକୁ ସେ ଶ୍ଲାଘ୍ୟ
ମଣିବ ।
ହେ ନୀଳ ନୀରଧର ତୁମ୍ଭ ଗମନେ, ବିଳମ୍ବ ଉପୁଜିବ ଭାଳଇ
ମନେ,
ତୁଙ୍ଗ ପରବତରାଜି ବର୍ମ୍ମେ ରାଜିତ, ଅର୍ଜ୍ଜୁନପୁଷ୍ପବାସେ ଦେହ
ବାସିତ ।
ସେ ସୌରଭ କର୍ଷଣେ ଲୁବ୍‌ଧ ହୃଦୟ, ରମିବ ଶୈଳେ ଘନ
ବହୁ ସମୟ,
କଳାପି-କୁଳ-କେକା ତାପରେ ଶୁଣି, ମନେପଡ଼ିବ ପୁଣି ମୋର
ମାଗୁଣି ।
ଦଶାର୍ଣ୍ଣ ଦେଶ ଘନ ଦିଶେ ତା ପରେ, ଏଦେଶ ସମାକୁଳ
ବଟଦ୍ରୁମରେ ,
ଦ୍ରୁମେ ବାୟସବାର ନୀଡ଼ ରଚନ୍ତି, ଏ କାରଣେ ପ୍ରାବୃଟେ
ସୁଖେ ରହନ୍ତି ।
କେତେକ ଜାଲବୃତି ତହିଁ କାନନ, କେତେକ ପରାଗରେ

ପାଣ୍ଡୁଚରଣ,
ଜମ୍ବୁପାଦପ ନତ ଶ୍ୟାମଳ ଫଳେ, ସରସେ କଳହଂସ ନାଦ ଉଚ୍ଛଳେ ।
ତହୁଁ ଉତ୍ତରେ ଯିବ ନଭ ସନ୍ତରି, ଅଗ୍ରେ ବିଦିଶା ନାମେ ରମ୍ୟ ନଗରୀ,
ରମିବ ତୋ ନୟନ ସେ ରାଜଧାନୀ, ଅଟଇ ଧରାତଳେ ସେ ନଗରୀରାଣୀ ।
ବେତ୍ରବତୀ ତଟିନୀ ତହିଁ ବହଇ, ନୀଳ ଊର୍ମି ବିଳାସେ ନେତ୍ର ହରଇ,
ଭ୍ରୂଭଙ୍ଗୀ ବୋମୋହନ ବାମା ବଦନ, ଚୁମ୍ବଇ କାନ୍ତୁ ଯେହ୍ନେ ରସେ ମଗନ ।
ବେତ୍ରବତୀ ବଦନ ଚୁମ୍ବି ହରଷେ, ତୁ ପୁଣି ନବଘନ ମଜ୍ଜିବୁ ରସେ,
ଲାଜେ ଲଳନା ଯେହ୍ନେ ଅସ୍ଫୁଟ ସ୍ୱନେ, ନଦୀ ଭାଷିବ ତୋତେ କଳ ନିଶ୍ୱନେ ।
ଶୋହେ ଅଦୂରେ ପୁଣି ନୀରଶିଖରୀ, ସୁଖେ ବିଶ୍ରାମ ଲାଭ ତହିଁ ଉତ୍ତରି,

ଗିରି ତୋ ସଙ୍ଗ ପାଇ ରାଜିବ ଭଲେ, ରୋମାଞ୍ଚ ପ୍ରକଟିବ କଦମ୍ବ ଛଳେ ।
ଶିଳାସଦନେ ତହିଁ ନବ ନାଗରୀ, ବାନ୍ଧି ପ୍ରାଣନାଥଙ୍କୁ ଭୁଜବଲ୍ଲରୀ,
ପାଶରେ ସନ୍ତୋଷନ୍ତି ରମଣମନ, ଶରୀର ପରିମଳ ବହେ ପବନ ।

ପୃଷ୍ଠା ୫

ପୃଳଗିରିରୁ ଚାରୁ ନିର୍ଝର ଝରେ, ପୁଷ୍ପବନ ବିରାଜେ ବେନି ପାର୍ଶ୍ୱରେ,
ଯୂଥିକାଫୁଲଜାଳ ତହିଁ ଫୁଟଇ, ମନୋଜ୍ଞସୌରଭରେ ନାସା ତୋଷଇ ।
ଫୁଲ ତୋଳନ୍ତି ତହିଁ ମାଳିନିଦଳ, ସ୍ୱେଦେ ମଳିନ ତାଙ୍କ କର୍ଣ୍ଣ-ଉତ୍ପଳ,
ତୋର ଶୀତଳ ଛାୟା ହେଲେ ପତିତ, ଊର୍ଦ୍ଧ୍ୱେ ଚାହିଁବେ ବାଳା ହୋଇଣ ପ୍ରୀତ ।

ଉତ୍ତର ଦେଶପ୍ରତି ଗମନେ ମନ, ଉଜ୍ଜୟିନୀକି ଗଲେ ମାର୍ଗବର୍ଦ୍ଧନ,

ନିଶ୍ଚେ ହୋଇବ, ଜାଣୁଅଛି ବିଶେଷ, ମାତ୍ର ସେଠାରେ ସୁଖଲାଭ ଅଶେଷ ।

ସୌଧ ଉତ୍ସଙ୍ଗେ ହିଁ ପୁର-ଅଙ୍ଗନା, ମନ୍ଦେ ବିହରୁଥିବେ ହଂସଗମନା,

ଦେଖି ତୋ ଗାତ୍ରେ କ୍ଷଣପ୍ରଭା ସ୍ଫୁରଣ, ଚକିତ ହେବ ବାମା ବାମ ନୟନ ।

ଚାରୁ ଚାହାଣି ଭ୍ରୁରୁଶୋଭିନୀଙ୍କର, ବିଦ୍ୟୁତ୍‌ଝଟକେ ପୁଣି ଚଟୁଳତର,

ନ ଦେଖି ଯିବୁ ଯେବେ ତହିଁ ତୁ ଘନ, ବୃଥା ଜନମ ତୋର ବୃଥା ଜୀବନ ।

ମାର୍ଗେ ନିବନ୍ଧ୍ୟା ନଦୀ ତୋ ପ୍ରଣୟିନୀ, ଅଳି-ଶ୍ୟାମଳ ଚାରୁ-ଉର୍ମି-ମାଳିନୀ,

ଉର୍ମିକ୍ଷୋଭେ ଆକୁଳ ମରାଳସ୍ୱନ, ଶୁଭିବ କାଞ୍ଚିଶବ୍ଦ ପ୍ରାୟେ ମୋହନ ।

ଆବର୍ତ୍ତରୂପେ ନାଭି ନେତ୍ର ମୋହିବ, ତୋଠାରେ ନଦୀ ସ୍ନେହ

ସେହି ସୂଚିବ,

ରସିକ ତୁ ଜଳଦ କହିବି କେତେ, କାମିନୀ ପ୍ରକାଶନ୍ତି ଭାବସଙ୍କେତେ ।

କୃଶସଲିଳରେଖା ବେଣୀ ପରାୟେ, ଦିଶଇ ପୁଣି ନଦୀପୁଳିନକାୟେ,

ସ୍ଖଳିତ ତୀର-ତରୁ-ପର୍ଣ୍ଣ-ନିବହ, ତେଣୁ ପାଣ୍ଡୁରକାନ୍ତି ନଦୀ ବିଗ୍ରହ ।

ଶୈବଳିନୀ ବିରହ ଦଶା ପ୍ରକାଶି, ସୂଚିବ ତୋଠାରେ ସେ କେଡ଼େ ପ୍ରୟାସୀ,

ଯେଉଁ ଉପାୟେ ପୂର୍ବ ରୂପ ଲଭିବ, ନିଦାନେ ସେ ବିଧାନ ଘନ କରିବ ।

ଅଗ୍ରେ ବିରାଜେ ତାର ଅବନ୍ତୀପୁରୀ, ଯେ ପୁରେ ଉଦୟନ କଥା ମାଧୁରୀ,

ଗଳ୍ପପ୍ରିୟ ସ୍ଥବିର ତୁଣ୍ଡୁ ଝରଇ, ତା ପରେ ଉଜ୍ଜୟିନୀ ପୁରୀ ରାଜଇ ।

ବର୍ଣ୍ଣି ନୁହଁଇ ତାର ଚାରୁ ଉପମା, ଭୁତଳେ ନାହିଁ ଘନ ତାର ଉପମା,

ସ୍ୱର୍ଗର କାନ୍ତିମାନ ଖଣ୍ଡ ସ୍ଖଳିତ, ପ୍ରାୟେ ଦିଶନ୍ତି ପୁରୀ
ସୌଧରାଜିତ ।
ଯହିଁ ପ୍ରତ୍ୟୁଷେ ଶିପ୍ରାନଦୀ ପବନ, ଦ୍ୱିଗୁଣିତ କରଇ ହଂସ
କୂଜନ,
ପ୍ରଫୁଲ୍ଲ ସରସିଜ ସୌରଭ ହରି, ସେବଇ ଅଙ୍ଗନାଙ୍କୁ ମନ୍ଦେ
ସଞ୍ଚରି ।
କ୍ଲାନ୍ତ କାମିନୀକୁଳ ନିଶି ଜାଗରେ, ଅନୁକୂଳ ସମୀର ସେ
କ୍ଲାନ୍ତି ହରେ,
ନିତମ୍ବ-ନୀଳାମ୍ବର ମ୍ବଦ ଧୂନଇ, ଦୟିତ ପରାୟେ କେତେ
ଚାଟୁ କରଇ ।
କେଶ ସଂସ୍କାର ଧୂପ ଗବାକ୍ଷଦ୍ୱାରେ, ବାହାରି ମିଶୁଥିବ ତୋହ
କାୟାରେ,
ନାଚିବେ ତୋ ଦର୍ଶନେ ଗୃହ ମୟୂର, ଗଭୀର କେକାରବେ
ପୂରିବ ପୁର ।
କୁସୁମ-ଶୋଭି-ସୌଧପୃଷ୍ଠ-ଆସନେ, ପଥଶ୍ରମ ଶ୍ରମିବୁ ସୁଖ-
ଶୟନେ,
ସୀମନ୍ତିନୀ-ପଦାଙ୍କ ତହିଁ ଉପରେ, ଦେଖିବୁ ହର୍ମ୍ମ୍ୟେ ଯେହ୍ନେ

ରକ୍ତିମା ଝରେ ।

ପୃଷ୍ଠା ୬

ଉଜ୍ଜୟିନୀ ସନ୍ନିଧେ ଶିବସଦନ, ଅତି ପବିତ୍ର ଧାମ
ଲୋକପାବନ,
ଗନ୍ଧବତୀ ତଟିନୀ ବହଇ ପାଶେ, କୁବଳୟ ସୁରଭି ସମୀର
ଶ୍ୱାସେ ।
ଜଳେ କ୍ରିଡ଼ନ୍ତି ତହିଁ କେତେ ସୁନ୍ଦରୀ, ନୀଳ ତମାଳେ ଯହିଁ
ସ୍ୱର୍ଣ୍ଣ ବଲ୍ଲରୀ,
ହରକଣ୍ଠ-ବରଣ ରାଜେ ତୋ ଦେହେ, ଚାହିଁବେ ଶିବଗଣ
ତୁମ୍ଭକୁ ସ୍ନେହେ ।
ପୂର୍ବ କଥିତ ମହାକାଳ-ନିଳୟେ, ହେବୁ ପ୍ରବେଶ ଯେବେ
ଆନ ସମୟେ,
ନଳିନୀସଖାଙ୍କର ଅସ୍ତଗମନ, ଯାଏ ଅନାଇ ତହିଁ ରହିବୁ ଘନ
।
ସନ୍ଧ୍ୟା ଆଗମେ ତୋର ଧ୍ୱନି ଗଭୀର, ପୂଜାପଟହ ପ୍ରାୟେ

ମନ୍ଦ୍ରେ ମନ୍ଦିର,
ଝଙ୍କାରି ସନ୍ତୋଷିବ ଶିବଶ୍ରବଣ, {{Hover|ପ୍ରଶଂସା|ଶ୍ଲାଘ୍ୟ]]
ସଫଳ ତହୁଁ ହେବ ଗର୍ଜନ ।
ମନ୍ଦିର ପାର୍ଶ୍ୱେ ବାରବାଳା ନିକର, ରନ୍ନ ଛାୟା ଖଚିତ ଗରୁ ଚାମର,
ଘେନିଣ ବିଞ୍ଚୁଥିବେ ଲୀଳାବ୍ୟଜନେ, ସିଞ୍ଚିବୁ ତାଙ୍କୁ ନବ ସଲିଳ-କଣେ ।
ଭ୍ରମର-ରାଜି ରମ୍ୟ ନୟନେ ଚାହିଁ, ତୋ ମନ ନୀରଧର ନେବେ ଭୁଲାଇ,
ତୋ ଶ୍ରବଣ ତୋଷିବ ରମ୍ୟ ଶିଞ୍ଜିତ, ବୀଣା ଝଙ୍କାର ଗଞ୍ଜି ମଧୁସଙ୍ଗୀତ ।
ମଣ୍ଡଳାକାରେ ଘେରି ତରୁ କାନନ, ଶୋଭିବ ଉଚ୍ଚେ ତହିଁ ଘୋଟି ଗଗନ,
ସନ୍ଧ୍ୟା ସିନ୍ଦୁର ରାଗେ ହୋଇ ରଞ୍ଜିତ, ଦିଶିବ ନବଜବା ପ୍ରାୟେ ଲୋହିତ ।
ନର୍ତ୍ତନ କାଳେ ଶିବ ତୋତେ ଚାହିଁବେ, ଆର୍ଦ୍ର-ଗଜ-ଅଜିନ ଲାଜେ ତ୍ୟଜିବେ,

ଭବ-ସୁନ୍ଦରୀ ଦେଖି ତୋର ଭକତି, ସୁଆଶିଷ କରିବେ
ହରଷେ ସତୀ ।
ରଜନୀକାଳେ ଦାଣ୍ଡେ କେତେ ଯୁବତୀ, ଉଦ୍‌ବେହେ
ଯାଉଥିବେ କାନ୍ତ ବସତି,
ଘୋର ଅନ୍ଧାରେ ମାର୍ଗ ଦିଶିବ ନାହିଁ, କମ୍ପିବେ ଭୟେ
ଚଉଦିଗେ ଅନାଇ ।
ତୋ ସଙ୍ଗେ ଥିବ ପ୍ରଭାମୟୀ ତଡ଼ୀତ, ଏକାଳେ ବାଳାଙ୍କର
ସାଧିବେ ହିତ,
ଘନ ମୁଞ୍ଚିବ ନାହିଁ ଭୀମ ନିନାଦ, ନାଦ ମଣିବେ ବାମା ଘୋର
ପ୍ରମାଦ ।
କ୍ଳାନ୍ତ ହେଲେ ତଡ଼ିତ ଚିର ନର୍ତ୍ତନେ, ଥୋଇବୁ ଅବଳାକୁ
କ୍ରୋଡ଼ ଶୟନେ,
ଚନ୍ଦ୍ରଶାଳାରେ ଯାପି ଶେଷ ରଜନୀ, ଶେଯ ତ୍ୟଜିବୁ ଶୁଣି
କପୋତ ଧ୍ୱନି ।
ଫିଟାଇ ପୂର୍ବଆଶା-ସ୍ୱର୍ଣ୍ଣତୋରଣ, ମୌକ୍ତିକବ୍ରଜେ ପଦ୍ମକରେ
ବହନ,
ବୁଣିବ ରଙ୍ଗେ ଯେବେ ଉଷାରଙ୍ଗଣୀ, ସେ ସମୟ ଛାଡ଼ିବୁ ତୁ

ଉଜ୍ଜୟିନୀ ।
ପ୍ରାତେ ଖଣ୍ଡିତା ପାଶେ ନାୟକ ଆସି, ସ୍ନେହେ ପୋଛନ୍ତି ନେତ୍ର-
ସଲିଳ ରାଶି,
ଏଣୁ ନଳିନୀ ପଦ ନୟନ ନୀର, ପୋଛିବେ ନିଜ କରେ କାନ୍ତ
ମିହିର ।
ଏକାଳେ ତାଙ୍କ ମାର୍ଗ ରୋଧିବୁ ନାହିଁ, ନତି କରିବା ବହୁ
ଦୂରରୁ ଥାଇ,
ମାର୍ଗ ରୋଧିଲେ ନିଶ୍ଚେ ରୋଷିବେ ହରି, ଏଣୁ କରିବୁ କାର୍ଯ୍ୟ
ମୋ ବାଣୀ ସ୍ମରି ।
ସୁଗଭୀର ଗମ୍ଭୀର ନଦୀ ଜୀବନ, ନିତ୍ୟ ପ୍ରସନ୍ନ ଯେହ୍ନେ
ମହତ ଜନ,
ଦେଖୁବୁ ଘନ ନଦୀ ଦର୍ପଣ ଜଳେ, ନିଜ ମୂରତି ବହୁ ଯୋଜନ
ତଳେ ।

ମାର୍ଜିତ ହୀରାଖଣ୍ଡ ପ୍ରାୟେ ସଫରୀ, ଚଞ୍ଚଳେ ଖେଳୁଥିବ

ନୀରେ ସଞ୍ଚରି,

ତଟିନୀ ନେତ୍ରମାଳ ପ୍ରାୟେ ଦିଶିବେ, ଉନ୍ମେଷ କଲା ପ୍ରାୟେ ବୁଡ଼ି ଭାଷିବେ ।

ତୀର ଜଘନୁ ନୀଳ ସଲିଳ ବାସ, ସ୍ରସ୍ତ ଦେଖି ଅନ୍ତରେ ହେବ ଉଲ୍ଲାସ,

ଲମ୍ବମାନ ହୋଇଣ ନଦୀ ଉପରେ, ଧରିବ ନୀଳବାସ ବେତସ-କରେ ।

ବନ୍ଧୁ ମାଗୁଣି ପୁଣି ହେଲେ ସ୍ମରଣ, ହୋଇବ ଅତି କଷ୍ଟେ ତହୁଁ ଗମନ,

ଯେହୁ ଲଭିଛି ଘନ ସେ ରସ ସ୍ୱାଦ, ପ୍ରସ୍ତୁତ ରସେ ବିଘ୍ନ ଗଣେ ପ୍ରମାଦ ।

ସମ୍ପ୍ରତି ଦେବଗିରି ଦିଶେ ଅଗ୍ରତେ, ବେଗେ ଯାଅ ଜଳଦ ସେ ପରବତେ,

ନବ ଆସାର-ସିକ୍ତ ମୃତ୍ତିକା ବାସେ, ସୁରଭି ଶୀତ ବାୟୁ ସନ୍ତାପ ନାସେ ।

ଶୁଣ୍ଡେ ପିଅନ୍ତି ଦନ୍ତୀ ସେ ସମୀରଣ, ତହୁଁ ଉପୁଜି ସ୍ୱନ ତୋଷେ ଶ୍ରବଣ,

ଉଡୁମ୍ବର ଫଳ ଏ ବାୟୁ ପରଶେ, ପରିପୂର୍ଣ୍ଣ ହୁଅଇ ମଧୁର
ରସେ ।
ସେ ନଗ୍ରେ ନିବସନ୍ତି କାନ୍ତ କୁମାର, ପୁଷ୍ପମିଶ୍ରିତ-ବ୍ୟୋମ-ଗଙ୍ଗା
ଆସାର,
ବରଷି ଧୋଇବୁ ତୁ ସେ କଳେବର, ସୁଲଳିତ ଚମ୍ପକ ପ୍ରାୟେ
ସୁନ୍ଦର ।
ବାସବୀସୈନ୍ୟଦଳ ରକ୍ଷା କାରଣେ, ଶଙ୍କର ବିସର୍ଜିଲେ ତେଜ
ଦହନେ,
ତହୁଁ ସମ୍ଭବି ଶୂର ଶିଖିବାହନ, କୋଦଣ୍ଡ ଧରି କଲେ ଦୈତ୍ୟ
ନିଧନ ।
ବାହନ-ଶିଖୀ ବସିଥିବ ଶିଖରେ, ଧଳା ଅପାଙ୍ଗ ହର-ଚନ୍ଦ୍ରମା
କରେ,
ପୁତ୍ରବତ୍ସଳା ଯାର ଚନ୍ଦକ ଘେନି, ଭୂଷନ୍ତି ହୈମମତୀ ଶ୍ରବଣ
ବେନି ।
କାନ୍ତ-ବଳୟ-ଚାରୁ ଚନ୍ଦ୍ରକ ଧରି, ଦିଶନ୍ତି ରମ୍ୟତର ହର-
ସୁନ୍ଦରୀ,
ନୀଳ କୁମୁଦ ପ୍ରାୟେ ବର୍ହ ଲମ୍ବଇ, ଇନ୍ଦ୍ରନୀଳ ଭୂଷଣ ଶୋଭା

କଳଇ ।
ନୀରଦ ମନ୍ଦ୍ରନାଦ ଶୁଣି ତୋହର, ନାଚିବ ପୁଚ୍ଛ ଟେକି ସେ ଶିଖିବର ।
ଶୈଳ କନ୍ଦରେ ପଶି ସେ ନାଦ ପୁଣ, ଗମ୍ଭୀର ପ୍ରତିନାଦେ ହେବ ଦ୍ୱିଗୁଣ ।
କୁମାର ପୂଜା ଅନ୍ତେ ନଭପ୍ରାଙ୍ଗଣେ, ଉଠ ଜୀମୂତ ଚନ୍ଦ୍ର ମନ୍ଦ୍ର ନିଃସ୍ୱନେ,
ହେମବିମାନଚାରୀ ସିଦ୍ଧଯୁଗଳ, ପଥ ଛାଡ଼ିବେ ଜଳ ଭୟେ ବିହ୍ୱଳ ।
ସିଦ୍ଧରଙ୍ଗିଣୀ-ବୀଣା-ତନ୍ତ୍ରୀ-ଝଙ୍କାର, ଶୁଣି ଲଭିବ ନଭେ ମୁଦ ଅପାର,
ରନ୍ତି-ଭୂପତି-କୀର୍ତ୍ତୀ ଗୋତୀ ନଇ, ସଲିଳ ରେଖା ଏବେ ନେତ୍ର ହରଇ ।
କଜ୍ଜଳନିଭ ଅଟେ ତୋହୋ ଶରୀର, ବିମଳ ଶୁକ୍ରକାନ୍ତି ଗୋମତୀ ନୀର,
ଅବତରିବୁ ଯେବେ ସେ ନଦୀଜଳେ, ସୁରେ ଦେଖିବେ ଥାଇ ଗଗନ ତଳେ ।

ବିଦ୍ୟାଧରୀ ନିକର ଦୂରୁ ଚାହିଁବେ, ବାମନୟନା ନିଶ୍ଚେ ଏହା ମଣିବେ,

ଧରା ଉପରେ ମୋତିହାର ରାଜିତ, ସେ ହାର ମଧ୍ୟେ ଇନ୍ଦ୍ରମଣି ଗୁମ୍ଫିତ ।

ଯାଅ ଉତ୍ତରେ ରମ୍ୟ ଗୋମତୀ ତରି, ବରବର୍ଣ୍ଣିନୀ ଦଶପୁର ନାଗରୀ,

କୁତୁହଳେ ଚାହିଁବେ ତୋତେ ଆକାଶେ, ମୋହିବେ ଚିତ୍ତ ତୋର ମଧୁର ହାସେ ।

ପୃଷ୍ଠା ୮

ପକ୍ଷ୍ମ ବିକ୍ଷେପ ସ୍ନିଗ୍ଧ ନୀଳିମା, କଳିବ କୃଷ୍ଣସାର ପ୍ରଭା ଗରିମା,

କଳା ଡୋଳା ଲଳିତ ବାଳା ଲୋଚନେ, ଦିଶିବ କୁନ୍ଦ ଦଳେ ଭୃଙ୍ଗ ଯେସନେ ।

ବ୍ରହ୍ମାବରତେ ନଭେ ହୋଇ ଉଡ୍ଡୀନ, କୃଷୀବଳଙ୍କୁ ଛାୟାଦାନେ ତୋଷିଣ,

ତହୁଁ କୌରବ କ୍ଷେତ୍ରେ ଯିବୁ ତ୍ୱରିତେ, ଧରା ଲୋହିତ ଯହିଁ
କ୍ଷେତ୍ର ଶୋଣିତେ ।
ଗର୍ଜି ପ୍ରଚଣ୍ଡେ ସିଞ୍ଚି ଘନ ଅସାର, ଯେହ୍ନେ କମଳବଂଶ କରୁ
ସଂହାର,
ଗାଣ୍ଡିବୀ ସେହି ରୂପେ କୁରୁ ସମରେ, ସିଞ୍ଚିଲେ ନୃପକୁଳ
ଆନନ ଶରେ ।
ସରସ୍ୱତୀ ସରିତ ସୁସ୍ୱାଦୁ ଜଳ, ସେବି ହୋଇବ ତୋର ହୃଦ
ନିର୍ମଳ,
ସରସ୍ୱତୀ ମହିମା ଲୋକେ ବିଦିତ, ସରସ୍ୱତୀ ମୋହିଲା
ମୂଷଳି ଚିତ୍ତ ।
ରେବତୀ ସଙ୍ଗେ ସେହୁ ମଦିରାରସ, ପାନେ ନିରତେ
ହେଉଥିଲେ ହରଷ,
ବିମୁଖ ହୋଇଣ ସେ ଭାରତ ରଣେ, ବସିଲେ ଏ ତଟିନୀ
ତୀର କାନନେ ।
କନଖଳ ପ୍ରଦେଶ ଛାଡ଼ି ଉତ୍ତରେ, କର ନୀରଦ ଗତି ଖର
ଅମ୍ବରେ,
ପର୍ବତରାଜ ହିମ ପର୍ବତୁ ଯହିଁ, ଧବଳ ଗଙ୍ଗା ସ୍ରୋତ

ଅବତରଇ ।
ସଗରବଂଶ ସ୍ୱର୍ଗ ସୋପାନରାଜି, ପ୍ରାୟେ ଦିଶଇ ଗଙ୍ଗା ନଗେ ବିରାଜି,
ଧୂର୍ଜଟି ଜଟାକୂଟେ ବହି ଝର୍ଝରେ, ଧରଇ ବାଳଚନ୍ଦ୍ର ତରଙ୍ଗ କରେ ।
ତହୁଁ ଭ୍ରୂକୁଟି ବହେ ଉମା ଆନନ, ରୁଷ୍ଟ ସପତ୍ନୀ ସୁଖେ ସପତ୍ନୀ ମନ,
ଧବଳ ଫେନ ଛଳେ ଜାହ୍ନବୀ ହସେ, ଈର୍ଷା ଅନଳେ ଜଳେ ଉମା ମାନସେ ।
ସ୍ୱଚ୍ଛ ସ୍ଫଟିକ ପ୍ରାୟେ ଜାହ୍ନବୀ ବାରି, ଆକାଶୁ ପିଇବୁ ତୁ କାୟା ପ୍ରସାରି,
ପିଅଇ ନୀର ସୁରକରୀ ଯେସନେ, ବକ୍ର ଭାବରେ ଝୁଲୁଥିବୁ ଗଗନେ ।
ଲହରୀ ଖେଳୁଥିବ ମନ୍ଦ ଅନିଳେ, ପଡ଼ିବ ତୋର ଶ୍ୟାମ ଛବି ସଲିଳେ,
ଆସ୍ଥାନେ ଭାନୁସୁତା ଲହରୀ ହାର, ମିଶିଲା ପ୍ରାୟେ ଶୋଭା ବହେ ଉଦାର ।

ତୁଷାର ଗୌର ହିମଗିରି ମସ୍ତକେ, ବସି ଭ୍ରମିବୁ ମାର୍ଗଶ୍ରମ
ପୁଲକେ,
କସ୍ତୂରିକା କୁରଙ୍ଗ ଆଙ୍ଗ ପରଶେ, ସୁରଭିତ ଶିଳା ସେ ଶୈଳ
ଉରସେ ।
ଶଶିଶେଖର-ଶ୍ୱେତ-ବୃକ୍ଷ ବିଷାଣ, ଦେହେ ଉତ୍‌ଖାତ ଯେହ୍ନେ
ପଙ୍କପିଧାନ,
ମୂରତି ତୋର ନୀଳ କଜ୍ଜ୍ୱଳନିଭ, ଶିଖରେ ବିରାଜି ସେ
ଶୋଭା ବାଜିବ ।
ସରଳ ଦ୍ରୁମେ ଯେବେ ଶାଖା ଘର୍ଷଣେ, ଜ୍ୱଳିବ ବହ୍ନି, ବାୟୁ
ବହି ଭୀଷଣେ,
କନକକାନ୍ତି ଅଗ୍ନି ଶିଖା ଦୀପିବେ, ଗହ୍ୱରୁ ଚମରୀଙ୍କୁ ବେଗେ
ତଡ଼ିବେ ।
ଅନଳ ଯୋଗେ ଚାରୁ ପୁଚ୍ଛ ଚାମର, ଜ୍ୱଳି କରିବା ତାଙ୍କୁ
ତ୍ରାସେ କାତର,
ତେଇଁ ପଡ଼ିଲା ପ୍ରାୟେ ଦାବଦହନ, ଦ୍ରୁମୁଁ ଦ୍ରୁମେ ଲଗନ
ହେବେ ବହ୍ନ ।
ବହ୍ନି ଉପରେ ସିଞ୍ଚି ନବ ଆସାର, ଗିରିପ୍ରାଣୀ ଜୀବନ କର

ଉଦ୍ଧାର,
ଦୋଷହୀନ ଜନର ହେଲେ ବିପଦ, ବିପଦୁଁ ନିସ୍ତାରଇ ସାଧୁ ସମ୍ପଦ ।

ପୃଷ୍ଠା ୯

ଗାତ୍ର ଭଙ୍ଗ ସକାଶେ ତହିଁ ଶରଭେ, ଶିଖରିଶୃଙ୍ଗେ ଡେଇଁଥିବେ ଗରବେ,
ଧରିବା ପାଇଁ ତୋତେ ହେବେ ଉତ୍ସୁକ, ତ୍ୱରିତେ କରିବୁ ତୁ ତାଙ୍କୁ ବିମୁଖ ।
ଅବହେଳେ ଧବଳ କରକା ହାସେ, ପଳାଇବେ ଶରଭେ ଦୂରୁ ତରାସେ,
ନିଷ୍ଫଳ କର୍ମେ ଯାର ମନ ଦୀକ୍ଷିତ, ପରଠାରେ ନିଶ୍ଚେ ସେ ସବୁ ଲଜ୍ଜିତ ।
ତ୍ରିଶୂଳ ପଦଚିହ୍ନ ତହିଁ ପ୍ରସ୍ତରେ, ବିମଣ୍ଡିତ କାନନ ଜାତ ପୁଷ୍ପରେ,
ଦେଖି ବାରିଦପତି କରିବୁ ନତି, ବିଫଳ ନୋହେ ଶିବ ପାଦେ

ଭକତି ।

ଗିରିନିବାସି ମୂନି ହର ଚରଣ, ପୂଜନ୍ତି ନିତ୍ୟ ଶାନ୍ତିରସେ ମଗନ,

ଏ ପାଦେ ଭକ୍ତି ଥିଲେ କଲୁଷ ନାଶ, ହୋଇ ସୁଖରେ ଅନ୍ତେ ସ୍ୱରଗେ ବାସ ।

ଘନ କୀଚକରାଜି ବାୟୁ ପୂରିତ, ବଂଶୀ ବାଜିଲା ପ୍ରାୟେ ହୁଏ ନାଦିତ,

ତ୍ରିପୁର ଜୟ ଗୀତ ମଧୁର ସ୍ୱରେ, କିନ୍ନରୀକୁଳ କଳକଣ୍ଠୁ ନିଃସରେ ।

ତୋ ନାଦେ ମୁଖରିତ କନ୍ଦର ବ୍ରଜ, ମୁଞ୍ଚିବ ମନ୍ଦ୍ରନାଦ ଯେହ୍ନେ ମୂରଜ,

ସଙ୍ଗୀତ ଅଭିଳାଷ ବାମଦେବର, ଚରିତାର୍ଥ କରିଣ ଲଭିବୁ ବର ।

ହିମାଦ୍ରି ତଟେ ସବୁ କରି ଦର୍ଶନ, ଶୀଘ୍ର କର ଉଦୀଚି ଅନୁସରଣ,

କ୍ରୌଞ୍ଚ-ରନ୍ଧ୍ର ଭେଦିଣ ଶୈଳଶରୀରେ, ଲଭିଲେ ରାମ ନିତେ ଯଶଃ ମହୀରେ ।

ମାନସରକୁ ବେତଗେ ବରଷାଗମେ, ଏ ମାର୍ଗେ ହଂସେ ଯା'ନ୍ତି
ଉଡ଼ି ସମ୍ଭ୍ରମେ,
ତିର୍ଯ୍ୟକେ ରନ୍ଧ୍ର ଦେଇ ଉତ୍ତରେ ଯିବ, ହଂସ ଅଗ୍ରତେ ଦେଖି
ମାର୍ଗ କଳିବ ।
ବଳି ଦଳନ ବେଳେ ପ୍ରଭୁ ବାମନ, ଯେ ପାଦ ବିସ୍ତାରିଲ
ଘୋଟି ଗଗନ,
ସେ ପାଦ ବରଶୋଭା ଲଭିବୁ ଭଲେ, ସେ ରନ୍ଧ୍ର ମାର୍ଗେ
ଯେବେ ଯିବୁ ଚଞ୍ଚଳେ ।
ତହିଁ ଊର୍ଦ୍ଧ୍ୱେ ରାଜଇ କୈଳାସ ଗିରି, ନବ ପ୍ରଫୁଲ୍ଲ ଶ୍ୱେତ
କୁମୁଦ ଶିରୀ,
କି ଅବା ରାଶୀଭୁତ ତ୍ର୍ୟମ୍ବକ ହାସ, ତାରାମାଳ ଚୁମ୍ବଇ ବ୍ୟାପି
ଆକାଶ ।
ଦୁର୍ଦ୍ଦଣ୍ଡ ଦଶଗ୍ରୀବ ରୋଷେ ହୁଙ୍କାରି, ଝିଙ୍କିଲା ଶୈଳ ଯେବେ
ଭୁଜ ପ୍ରସାରି,
ନାଗେ ନରେ ଅମର କମ୍ପିଲେ ତ୍ରାସେ, ମିଳିଲା ଅମ୍ବୁରାଶି ଉର୍ମି
ଆକାଶେ ।
ଗମ୍ଭୀର ବଜ୍ର ଘୋଷେ ଘୋଷି କନ୍ଦର, ପଳାଇଲେ ଜୀମୂତେ

ଛାଡ଼ି ଭୁଧର,
ଗର୍ଜିଲେ ପ୍ରଭଞ୍ଜନ ହେଲା ଅନ୍ଧାର, ଉଡ଼ିଲା ସ୍ତୁପାକାର ସାନ୍ଦ୍ର
ତୁଷାର ।
ଆତଙ୍କେ ଗିରିବାସୀ ଗଉରୀସାଇଁ, ପାଦେ ଶରଣ ବେଗେ
ପଶିଲେ ଯାଇଁ,
ହସିଲେ ତହୁଁ ପ୍ରଭୁ ଭକ୍ତ ବତ୍ସଳ, ଅଚଳ ପୂର୍ବ ପରି ହେଲା
ଅଚଳ ।
ସୁରବନିତାବ୍ରଜ ନଭୋମଣ୍ଡଳେ, ଭ୍ରମନ୍ତି ଯେବେ ଗିରି ମୁକୁଳ
ତଳେ,
ପଡ଼ଇ ପ୍ରତିବିମ୍ବ ନେତ୍ରରଞ୍ଜନ, ସେ ଦର୍ପଣେ ସ୍ୱମୁଖ ଦେଖିବୁ
ଘନ ।
ଦଳାଞ୍ଜନ-ପ୍ରଭା ବୋଲା ପରାୟେ, ତୋ ଦେହ ନୀଳ କାନ୍ତି
ପ୍ରକାଶୁଥାଏ,
ଧଳା କୈଳାସ ଦେହେ ହେଲେ ଲଗନ, ଦିଶିବ ଧରାଧର
ଶୋଭା ଯତନ ।

ଅମରେ ସ୍ଥିର ନେତ୍ରେ ଥିବା ଅନାଇ, ଏଡ଼େ ବିଚିତ୍ର ଦୃଶ୍ୟ ଭୁବନେ କାହିଁ,
ନୀଳ ବସନେ ହଳିସ୍କନ୍ଧ ଯେସନ, ଦିଶିବ ହରଶୈଳ ରମ୍ୟ ତେସନ ।
ପାର୍ବତୀ କାନ୍ତ କର ଧରି ସ୍ୱକରେ, ପଦବ୍ରଜରେ ଚଢୁଥିବେ ଭୁଧରେ,
ସ୍ତମ୍ଭିତ କରି ନିଜ ସଲିଳରାଶି, ତଦ୍‌ଗତହୃଦୟରେ ଭକ୍ତି ପ୍ରକାଶି ।
ଅଗ୍ରତେ ଗାତ୍ରଭଙ୍ଗେ ହୋଇ ଶୟାନ, ସେବିବୁ ଯେହ୍ନେ ଇନ୍ଦ୍ରନୀଳ ସୋପାନ,
ନଗେନ୍ଦ-ବାଳା ପଦ ପାଦଯୁଗଳ, ଛୁଇଁ ଦେହ ଧାରଣ ହେବ ସଫଳ ।
ତହିଁ ସୁରଯୁବତୀ ନିତ୍ୟ ଚପଳା, ଘସି ତୋ ଦେହେ ଚାରୁ ହୀରକବାଳା,
ତୋ ଶରୀରୁ ନିଃସୃତ ନୀର ଲଭିବେ, ଜଳଯନ୍ତ୍ର ପରାୟେ ତୋତେ ମଣିବେ ।

ଛାଡ଼ି ନ ଦେବେ ଯେବେ ବାଳାନିକର, ଅଳିଳଦାନେ ଯେବେ
ହେବେ କାତର,
ମୁଞ୍ଚିବ ହେ ନୀରଦ ଗମ୍ଭୀର ନାଦ, ଅବଳା ପଳାଇବେ ଗଣି
ପ୍ରମାଦ ।
ହେମକମଳଛନ୍ନ ମାନସନୀର, ଘେନି ହୋଇବେ ତୋର ଚାରୁ
ଶରୀର,
ସୁରେନ୍ଦ୍ର କରି କର ରଙ୍ଗେ ଘୋଡ଼ାଇ, ନବ ସଲିଳେ ତାର
ପ୍ରିତୀ ବଢ଼ାଇ ।
ଶୀକରସୁଶୀତଳ ମନ୍ଦ ପବନେ, କିମ୍ପାଇ କଳ୍ପତରୁ ପଲ୍ଲବ
ବନେ,
ସ୍ଫଟିକ ଗୌର ତନୁ ସେ ମହୀଧରେ, ପ୍ରବେଶିବୁ ନୀରଦ
ପରମାଦରେ ।
ନାଗର ଉତ୍ସଙ୍ଗେ ଯେହ୍ନେ ନାଗରୀ, ସେ ଗିରି ଉରସେ ରମ୍ୟ
ନଗରୀ,
ଜାହ୍ନବୀ-ଦୁକୁଳ-ସ୍ରସ୍ତ-ଜଘନେ, ଅଳକା ଅଗ୍ରତେ ଦିଶେ
ନୟନେ ।
ଭବେ ଅତୁଳ ସେ ପୁରୀ ହେ, ନିଶ୍ଚେ ବୋମୋହିତ ହେବ ତୋ

ଚିତ୍ତ,

ଦେହି ତା ରୂପମାଧୁରୀ ହେ, ଜଳଧରକାଳେ ଘନନିକର,

ଆବରି ଅଳକା ସୌଧଶିଖର ।

କାମିନୀ ଚିକୁର ଶ୍ୟାମମୂରତି, ମୁଞ୍ଚି ନବନୀରବିନ୍ଦୁ ପଙ୍କତି,

ଅଳକାଶିର ଭୁଷଇ ହେ, ମୁକୁତା ଖଚିତ ରୁଚି ରଚିତ, ବାମା

ଅଳକ କଳଇ ହେ ।

ସମାପ୍ତ

ଉତ୍ତରମେଘ

(ରାଗ- କଳହଂସକେଦାର)

ଅଳକା ହର୍ମ୍ୟରାଜେ ନବ ଘୋଷିତ, ତୋ ଅଙ୍ଗେ ନୀରଧର

ସ୍ୱର୍ଣ୍ଣ ତଡ଼ିତ ।

ଅଳକା ସୌଧେ ଚିତ୍ର ମୋହେ ନୟନ, ଇନ୍ଦ୍ରକୋଦଣ୍ଡ ତୋର

ଅଙ୍ଗେ ଯେସନ ।
ତୋ ସ୍ନିଗ୍ଧ ମନ୍ଦ୍ରନାଦ ପରାୟେ ତହିଁ, ମୂରଜ ମନ୍ଦ୍ରନାଦ ନିତ୍ୟ
ସ୍ଫୁରଇ ।
ଉଜ୍ଜ୍ୱଳ ମଣି ରଶ୍ମି ପ୍ରାଙ୍ଗଣେ ତାର, ଯେସନ ଗର୍ଭେ ତୋର
ଶୁକ୍ଳ ଆଶାର ।
ପୁଷ୍ପଭୂଷଣପ୍ରିୟ ନାଗରୀ ଦଳ, କରେ ଶୋଭଇ ଯେହ୍ନେ
ଲୀଳା କମଳ ।
ଅଳକେ କୁନ୍ଦକଳୀ ରାଜେ ମୋହନ, ଲୋଧ୍ର ପରାଗେ
ପାଣ୍ଡୁଚାରୁ ଆନନ ।
ରମ୍ୟ ଶିରିଷେ ଶୋହେ ଶ୍ରବଣମୂଳ, ସୀମନ୍ତେ ଶୋହେ ନବ
କଦମ୍ବ ଫୁଲ ।
ବକୁଳମାଳ ଶୋଭି ଘନଜଘନ, ମନ୍ଦାରଶୋଭି କେଶ ଚୁମ୍ବେ
ଚରଣ ।
ମିତ୍ୟ କୁସୁମ ଯହିଁ ତରୁ ନିକରେ, ନିତ୍ୟ ମୁଖର ମଧୂକର
ଗୁଞ୍ଜରେ ।
ରାଜହଂସ ରସନା ସରସୀକୁଳ, ଫୁଲ୍ଲ-ପଙ୍କଜ ବ୍ରଜେ ନିତ୍ୟ
ମଞ୍ଜୁଳ ।

ଉଦ୍‌ଗ୍ରୀବ ହୋଇ ନିତ୍ୟ ଗୃହ ମୟୁର, ଗମ୍ଭୀର କେକାରବେ
ପୁରନ୍ତି ପୁର ।
ସୁଧାକର କିରଣେ ନିତ୍ୟ ତିମିର, ଦୂର ହୋଇ ପ୍ରଦୋଷ ଦିଶେ
ରୁଚିର ।
ଅଳକାରେ ଲୋତକ ମୁଖରୁ ବହେ, ଆନ ପୀଡ଼ା ଅଭାବେ
ଅନଙ୍ଗ ଦହେ ।
ଅନଙ୍ଗ ପୀଡ଼ା ପ୍ରତିକାର ପ୍ରଚୁର, ଅଛି ତହିଁ ତେଣୁ ସେ ପୀଡ଼ା
ମଧୁର ।
ମୀନ ବିହୁନେ ନାହିଁ ଆନ କଳହ, ମାନକ ବିନୁ ନାହିଁ ଆନ
ବିରହ ।
ଆନ ବୟସ ନାହିଁ ବିନା ଯୌବନ, ଏକତ୍ରେ ସର୍ବ ଋତୁ ସୁଖ
ମିଳନ ।
କୁସୁମ ତାରକିତ ମଣି ପ୍ରାସାଦେ, ମଧୁ ପିଅନ୍ତି ଯକ୍ଷେ
ମନପ୍ରସାଦେ ।
ଅବସର ଲଭିଣ ମୀନକେତନ, ପୁଷ୍ପବିଶିଖେ ଅଙ୍ଗ ବିନ୍ଧେ
ବହନ ।
ବରଯୁବତୀବ୍ରଜ ବସନ୍ତି ପାଶେ, ରସାଇ ସମ ରଣ ସୁରହି

ଶ୍ୱାସେ ।
ମୁରୁ ମନ୍ଦ୍ରନାଦ ପୂରଇ ପୁର, କାମିନୀ କଳକଣ୍ଠ ଶୁଭେ ମଧୁର
।
ମନ୍ଦାକିନୀ ପୁଳିନେ ମନ୍ଦାର ତଳେ, ଖେଳନ୍ତି ବାଳବ୍ରଜ ବସି
କୁଶଳେ ।
ନିର୍ମଳ ବାରିବିନ୍ଦୁ ବହି ପବନ, ସେବନ ଛଳେ ବକ୍ତ୍ର ପରଶେ
ଘନ ।
କନକ ସିକତାରେ ଲୁଚାଇ ମଣି, ଲୋଡ଼ନ୍ତି କଉତୁକେ
ବରବରନୀ ।
ରଙ୍ଗ ଅମ୍ବରେ ବପୁ ଶୋହେ ସୁନ୍ଦର, ରଙ୍ଗ ଅମ୍ବୁଜେ ଯେହ୍ନେ
ପୀତ କେଶର ।
କାମେ ଉନ୍ମତ୍ତ କାନ୍ତ ଦୂକୁଲ ହରେ, ସୁନ୍ଦରୀ ଦିଗମ୍ବରୀ ଥରେ
ଲାଜରେ ।
ସମ୍ମୁଖେ ରତ୍ନଦୀପ ଉଜ୍ଜ୍ୱଳ ଜଳେ, ନିର୍ବାଣ ଆଶେ ହିମରଜ
ବିଫଳେ ।
ଫିଙ୍ଗଇ ବରାଙ୍ଗନା ପ୍ରଦୀପ ପ୍ରତି, ବ୍ୟର୍ଥ ଯତନ ଦେଖି
କୌତୁକୀ ପତି ।

ଭଷନ୍ତି ପ୍ରେମନୀରେ ତହୁଁ ଉଭୟେ, ଭିଡ଼ନ୍ତି ପରଷ୍ପର ଅଙ୍ଗ ନିର୍ଭୟେ ।
ସରସେ ରସବତୀ ରମଣ ଚିତ୍ତ, ରସାଇ ଅନୁରାଗ କରେ ଦୀପିତ ।
ସରମେ ଶଶିମୁଖି ମୁଖମାଧୁରୀ, ଧୈର୍ଯ୍ୟ ଅଙ୍କୁରକୁ ସେ କାମ କତ୍ତୁରୀ ।
ପଦ୍ମୋଦର ସୋଦର ବର ବଦନେ, ଲାଜରାଗ ଉଜଳେ ରାଗ ରମଣେ ।
ସୁନ୍ଦର ଦରସ୍ମିତ ତା ସଙ୍ଗେ ମିଶେ, କମଳେ ରବି ବିଭା ତା ସରି କି ସେ ।
ଜଳଦମାଳ ତହିଁ ପବନ ଚଳେ, ତୁଙ୍ଗ ସୌଧ ଗବାକ୍ଷେ ପଶି ଚଞ୍ଚଳେ ।
ତିନ୍ତାଇ ଭିତ୍ତି ଚିତ୍ର ପଳାନ୍ତି ତ୍ରାସେ, ଧୂମରାଶି ପରାୟେ ଦିଶେ ଆକାଶେ ।
ସୂତ୍ରଲମ୍ବିତ ଚନ୍ଦ୍ରକାନ୍ତ ନିକର, ଯହିଁ ନିଶିରେ ଲଭି ଚନ୍ଦ୍ରମା କର ।
କରଇ ମୁଞ୍ଚି ଜଳବିନ୍ଦୁ ବିମଳ, ଅଙ୍ଗନା ରତିଖିନ୍ନ ଅଙ୍ଗ ଶୀତଳ

।

ପୃଷ୍ଠା ୨

କୁବେର ଯଶଗୀତ ଗାଇ କୌତୁକେ, କଳକଣ୍ଠେ କିନ୍ନର
ଭ୍ରମନ୍ତି ସୁଖେ ।
ଯକ୍ଷବିଳାସିଦଳ ବୈଭ୍ରାଜ୍ଞ ବନେ, ସୁକାମିନୀ ସଙ୍ଗେ ଅନଙ୍ଗ
ରଣେ ।
ମାତନ୍ତି ନାଦେ ପିକ, ନାଦେ ଭ୍ରମର, ଅଳଙ୍କାର ଝଙ୍କାର ମିଶେ
ସୁନ୍ଦର ।
ଲାଜେ ନିକୁଞ୍ଜେ ଥରେ କୁଞ୍ଜବଲ୍ଲରୀ, ଦୋଳେ ମଞ୍ଜୁଳେ ଫୁଲ,
ଫୁଲମଞ୍ଜରୀ ।
ଅଭିସାରିକାକୁଳ କାନ୍ତ ସଦନେ, ନିଶା ଅନ୍ଧାରେ ଯହିଁ ଯାନ୍ତି
ବିଜନେ ।
କମ୍ପଇ ଅଙ୍ଗଲତା ବେଗେ ସାଧ୍ୱସେ, କୁଟିଳ କୁନ୍ତଳରୁ ମନ୍ଦାର
ଖସେ ।
ଚାହାନ୍ତି ଚଉଦିଗେ ଭୟେ ବିକଳ, ଖସଇ କର୍ଣ୍ଣଶୋଭି

ସ୍ୱର୍ଣ୍ଣକମଳ ।

ଘନ ଉରଜୁ ଛିଣ୍ଡି ମୁକୁତାହାର, ସୂଚଇ ପ୍ରାତେ ବାଳା ନିଶା ବେଭାର ।

ଅଳକାପୁରେ ଛନ୍ତି ଶଶିଶେଖର, ଅଳି ଶିଞ୍ଜିନୀ-ଧନୁ କୁସୁମଶର ।

ନ ଧରେ ତ୍ରାସେ ତହୁଁ ଲାବଣ୍ୟମୟୀ, ବାଳା କଟାକ୍ଷ ତାର କାର୍ଯ୍ୟ କରଇ ।

କାମିନୀ ଭ୍ରୁରୁ କାମକୋଦଣ୍ଡପରି, କାମିନୀ ବାମନେତ୍ର ବିଶିଖ ସରି ।

ଅନଙ୍ଗର ପ୍ରୟାସ ତେଣୁ ସଫଳ, ଅସ୍ତ୍ରେ କି କାର୍ଯ୍ୟ ଯାର ଅବଳା ବଳ ।

ନବଦୁକୁଳ ନାନା ରାଗେ ରଞ୍ଜିତ, ନେତ୍ର ବିଳାସକର ମଧୁବାସିତ ।

ସପଲ୍ଲବକୁସୁମ ରମ୍ୟ ଭୁଷଣ, ଅଳତା ଲଳିତାଙ୍ଗୀ ପାଦ ମଣ୍ଡନ ।

କଳ୍ପତରୁ ଦେହରୁ ସବୁ ପ୍ରସୁତ, ଇଛା ମାତ୍ରକେ ହୁଏ ସବୁ ପ୍ରସ୍ତୁତ ।

ସେ ତରୁ କୁଞ୍ଜେ ବସି କୁଞ୍ଜରଗତି, ଲେଖନ୍ତି ପ୍ରେମ ଲିପି ପ୍ରେମିକ ପ୍ରତି ।
ଧନପତି ବସତି ଛାଡ଼ି ଉତ୍ତରେ, ଇନ୍ଦ୍ରଧନୁ ତୋରଣ ନୟନ ହରେ ।
ସେ ଅଟେ ନିରଧର ମୋର ନିଳୟ, ଦୂରୁ ଦିଶଇ ଚାରୁ ସୁଷମା ମୟ ।
ତହିଁ ଉଦ୍ୟାନେ ରାଜେ ଶିଶୁମନ୍ଦାର, ତାଠାରେ ପୁତ୍ରପ୍ରାୟେ ସ୍ନେହ ପ୍ରିୟାର ।
କନକ ପୁଷ୍ପରାଜି ଶୋହେ ସ୍ତବକେ, ତରୁଣ ରବିକରେ ଚାରୁ ଝଟକେ ।
ମରକତ ସୋପାନ ତହିଁ ସରସୀ, ନୀଳଘନବେଷ୍ଟିତ ଯେସନ ଶଶୀ ।
ହେମ କମଳ କଳୀ ବହୁ ବିକଶେ, ନୀଳକାନ୍ତ ବୃନ୍ତରେ ଉଜ୍ଜ୍ୱଳ ହସେ ।
ସୁଖେ ବସନ୍ତି ତହିଁ ହଂସ, ସାରସ, ବର୍ଷାଗମେ ମାନସେ ନାହିଁ ମାନସ ।
ବାରି ବିହଙ୍ଗେ ନୀଳ ଲହରୀ ପରେ, ଦୋଳନ୍ତି ସରୋବର

ପରି ରାବରେ ।

ସରସୀ ତୀରେ ଇନ୍ଦ୍ରନୀଳ ଶିଖର, କ୍ରିଡ଼ା ପର୍ବତ ରାଜେ

କେଡ଼େ ସୁନ୍ଦର ।

ସ୍ୱର୍ଣ୍ଣ କଦଳୀ ଦଳ ଚଉଦିଗରେ, ଶୋହେ ବିଜୁଳି ଯେହ୍ନେ ତୋ

କଳେବରେ ।

ପ୍ରିୟା ବିହାର ସ୍ଥଳ ସେହୁ ଅଟଇ, ତୋ ଦରଶନେ ଘନ ମନେ

ପଡ଼ଇ ।

ନୟନୁ ନୀର ଝରେ ତାର ସ୍ମରଣେ, ଝରୁଥିବ ପ୍ରେୟସୀ ନିକି

ବଜନେ ।

ରକ୍ତ ଅଶୋକ ତରୁ ସେ ଉପବନେ, ନବ ପଲ୍ଲବ ନିତ୍ୟ କମ୍ପେ

ପବନେ ।

ମାଧବୀ ବିମଣ୍ଡିତ ମଣ୍ଡପ ତହିଁ, ରମ୍ୟକୁଞ୍ଜେ ମଧୁପ ମଧୁ

ପିଅଇ ।

କୁରୁବକ ବେଷ୍ଟନ ସେ ମଣ୍ଡପର, ରାଜେ ପାଶେ ପୁଷ୍ପିତ କାନ୍ତ

କେଶର ।

ସ୍ୱନ୍ଦୀ ଅଟଇ ମୋର ତରୁଯୁଗଳ, ନିତ୍ୟ କରଇ ମନ

ଈର୍ଷାଚଞ୍ଚଳ ।

ବାଞ୍ଛେ ଅଶୋକ ପ୍ରିୟା ପଦ ପରଶ, ବାଞ୍ଛେ ବକୁଳ
ମୁଖମଦିରା ରସ ।
ଏକାନ୍ତେ କାନ୍ତା ତହିଁ ପ୍ରଦୋଷେ ବସେ, ବାୟୁ ବାରିଜ ସଙ୍ଗେ
ବ୍ଯକ୍ତ ପରଶେ ।
କନକ ଯଷ୍ଟି ତହିଁ ରାଜେ ଉଜ୍ଜ୍ୱଳ, ଶିରେ ସୁନ୍ଦର ଶୋହେ
ସ୍ଫଟିକ ଫଳ ।
ମୂଳ ମଣ୍ଡଣୀ ତାର ଇନ୍ଦ୍ରନୀଳରେ, ତୋ ମିତ୍ର ନୀଳକଣ୍ଠ ତହିଁ
ବିହରେ ।
ସରୋଜ-ବନ୍ଧୁ ଚଢ଼ି ଚରଣାଚଳେ, ସ୍ୱର୍ଣ୍ଣ କିରଣେ ତରୁଶିର
ଉଜଳେ ।
ସରୋଜନେତ୍ରୀ ବାଳା ତହିଁ ବିଳାସେ, କରତାଳି ଦିଅଇ
ମୟୂର ପାଶେ ।
ବାଜଇ ରଣରଣ ବାଜେଣୀ ବାଳା, ନାଚଇ ଘନ ଘନ କେକୀ
ଉଓଳା ।

ତାଳେ ବାଜଇ କରେ ଶିଞ୍ଜା ଭୂଷଣ, ତାଳେ ମୟୁର ରାବେ
ରଞ୍ଜି ଶ୍ରବଣ ।
ନୀଳ କମଳ ରଞ୍ଜି କଳାପ ଟେକି, କୌତୁକେ ଉପବନେ
ନାଚଇ କେକୀ ।
ଉରେ ଏ ଛବି ଘେନି ନାଚେ ତରଙ୍ଗ, ଝୁରେ ନୟନ ଘନ ସ୍ମରି
ସେ ରଙ୍ଗ ।
ଏ ଲକ୍ଷଣୁ ଜାଣିବୁ ମୋହୋ ଆଗାର, ଖୋଦିତ ଶଙ୍ଖପଦେ
ଶୋଭେ ତା ଦ୍ୱାର ।
ନାହିଁ ସେ ପୂର୍ବ ଭାବ ପୂର୍ବ ମାଧୁରୀ, ରବି ବିହୁନେ ପଦ୍ମ
ପରାଏ ଝୁରି ।
କ୍ଷୁରଭୃ ପ୍ରାୟେ କରି ଶରୀର କ୍ଷୀଣ, କ୍ରୀଡ଼ା-ଶଇଳେ ସୁଖ
ହୋଇ ଆସୀନ ।
ଭେଟିବ ନାଗରୀକୁ ଆଗାରେ ତହିଁ, ଖଦ୍ୟୋତ ପ୍ରାୟ କାନ୍ତି
ନିଭି ଜଳଇ ।
ମଳିନ ସୁଷମା ଦେଖି ହେ ଘନ, କରୁଣା ଉପୁଜିବ, ଦ୍ରବିବ
ମନ ।
ସ୍ଫୁରିବ ସୌଦାମିନୀ ନଭେ ଉଜ୍ଜ୍ୱଳେ, ଚମକି ଚାରୁନେତ୍ରୀ

ଚାହିଁବ ଭଲେ ।
କୃଶାଙ୍ଗୀ କୃଶୋଦରରୀ କୁନ୍ଦଦଶନା, ଗୁରୁ ଜଘନ ଭାରେ ମନ୍ଦଗମନା ।
ଚକିତ ମୃଗନେତ୍ରୀ, ଜବାଅଧରୀ, ଉଠି ଉରଜେ ନତ ଗାତ୍ରବଲ୍ଲରୀ ।
ତପ୍ତ-କନକ-କାନ୍ତି-କାନ୍ତ ଶରୀର, ମୃଣାଳ-ଗଞ୍ଜୀ-ଭୁଜ ନାଭି ଗଭୀର ।
ଯୁବତୀକୁଳେ ଶ୍ରେଷ୍ଠ ସେହି ସଙ୍ଗିନୀ, କୁସୁମକୁଳେ ଶ୍ରେଷ୍ଠ ଯେହ୍ନେ ନଳିନୀ ।
ବିଳାସ ପଦ୍ମାକର ହଂସୀ ନବୀନା, ରସାଳସୀ ସୁକେଳି କଳା ପ୍ରବୀନା ।
ମଞ୍ଜୁ ବାଦିନୀ ମଞ୍ଜୁ କଞ୍ଜୀ ବଦନୀ, ରୁପ ଖଣିରେ ନାହିଁ ତା ତୁଲେ ମଣି ।
ସେ ଅଟେ ନୀରଧର ! ମୋହୋ ନଗରୀ, ପ୍ରେମ-ପ୍ରତିମା ମୋର ପରାଣ ସରି ।
ଚକ୍ରବାକୀ ପରାୟେ ମୋହୋ ବିଚ୍ଛେଦେ, ମଉନେ ଥିବ ଝୁରି ହୃଦୟ-ଖେଦେ ।

ନୀହାରପାତେ ପଦ୍ମ ପ୍ରାୟେ ପ୍ରେୟସୀ, ନିରାଶେ ଝୁରୁଥିବ
ନିଭୃତେ ବସି ।
ରବି-ପ୍ରଖର-କର ପ୍ରାୟେ କମଳେ, ନ ଥିବ ପୂର୍ବ ଜ୍ୟୋତି
ନେତ୍ର ଯୁଗଳେ ।
ନୀଳ ନଳିନ-ନେତ୍ର ରୋଦନେ ସ୍ଫୀତ, ଲୋତକେ ହୋଇଥିବ
ନିଶ୍ଚେ ଲୋହିତ ।
ବିମ୍ବାଧରୀ ଅଧର ଉଷ୍ଣ ନିଶ୍ୱାସେ, ବିବର୍ଣ୍ଣ ହୋଇଥିବ ଘନ !
ନିରାଶେ ।
କରେ ବଦନ ଥୋଇଥିବା ବସିଣ, ଶ୍ଳଥ କୁନ୍ତଳ ପଡ଼ିଥିବ
ଲମ୍ବିଣ ।
ତୋ ଗ୍ରାସେ ଶଶଧର ପରାଏ, ଘନ, ଦୀନ ଦିଶିବ କାନ୍ତା କାନ୍ତ
ବଦନ ।
ମିଳନ କାମନାରେ କାନ୍ତା ମୋହର, ମଗୁଣ ଥିବ ଇଷ୍ଟଦେବଙ୍କୁ
ବର ।
ନବ ବିରହେ କୃଶ ମୋର ମୂରତି, ଯତରେ ନିକି ଚିତ୍ରୁଥିବ
ଯୁବତୀ ।

ପିଞ୍ଜରେ ଅବା ସାରୀ ମୁହଁକୁ ଚାହିଁ, ଭାଷୁଥିବା ତା ଶୋକେ
ଶୋକ ମିଶାଇ-
'କାନ୍ତକୁ ସ୍ମରି କିଲୋ ହେଇ ବିକଳ ?, ତୋଠାରେ ସ୍ନେହ ତାର
ଥିଲା ଅଟଳ ।
ବାମନୟନା ମନ୍ଦ ମଳିନ ବାସ, ଉଡ଼ୌଥିବ ଉଷ୍ଣ ଶୋକ-
ଉଚ୍ଛ୍ୱାସ ।
ଗାଉଣଥିବ ବୀଣା ଉତ୍ସଙ୍ଗେ ଘେନି, ଚୁମ୍ବି ଅବନୀ ଲମ୍ବିଥିବ ତା
ବେଣୀ ।
ତାର ସ୍ୱରେ ମୋ ନାମ ସଙ୍ଗୀତ ଗାଇ, ନୟନ ନୀରେ ବୀଣା
ତାର ତିନ୍ତାଇ ।
ପୋଛି ପଣତେ ବୀଣା ଗାଆନ୍ତେ ପୁଣି, ମୂର୍ଚ୍ଛନା ପାଶୋରିବ
ବେଗେ ତରୁଣୀ ।
ବିରହ-ବହ୍ନି ଶୋଷୁଥିବ ଜୀବନ, ଭୁତଳେ ଗୋଟି ଗୋଟି
ଥୋଇ ସୁମନ ।
ଶେଷ ବିରହ ମାସ ଦୁଆରେ ବସି, ବିମନା ହୋଇ ଗଣୁଥିବ

ପ୍ରେୟସୀ ।

କାନ୍ତ ସଙ୍ଗେ ସଙ୍ଗମ କଳ୍ପନା-ବଳେ, ହୃଦୟେ ଲଭୁଥିବ ବସି ବିରଳେ ।

କାମିନୀଏ ଏରୂପେ ବିରହ କ୍ଲେଶ, ବାହନ୍ତି, ବାରିଦ ! ତୁ ଜାଣୁ ବିଶେଷ ।

ଦିବସେ ଗୃହକର୍ମେ ଥିବ ସେ ରତ, ଦିବସେ ଶୋକ ତାର ଥିବ ଗୁପତ ।

ବାସର ଅନ୍ତେ ଅବସର ଲଭିଣ, ବାରିଜମୂଖୀ ମନ କରିଣ କ୍ଷୀଣ ।

କାତରେ ଥିବ ଶୋଇ ଭୂମିଶୟନେ, ବିରହ ଦିନୁ ନାହିଁ ନିଦ୍ରା ନୟନେ ।

ନିଶିରେ ବାତାୟନ ସନ୍ନିଧେ ରହି, ପ୍ରବୋଧିବୁ ବାଳାକୁ ବାରତା କହି ।

ବିରହ-ଶୟ୍ୟ ପରେ ଆନଙ୍ଗ-ଶର, ଙ୍ଗନା-କ୍ଷୀଣ ଅଙ୍ଗ କରେ ଜର୍ଜ୍ଜର ।

ବିକଳେ ପଡ଼ିଥିବ ଏକା ସେ ତହିଁ, ଚରମା ଚନ୍ଦ୍ରକଳା କୃଶତା ବହି ।

ଯେ ରଜନୀ ସଜନୀ ମୋହ ସଙ୍ଗତେ, ବିଳାସେ ବିଞ୍ଚୁଥିଲା
ଇଚ୍ଛୁ-ସୁରତେ ।
ଏକାଳେ ସେ ରଜନୀ ହୋଇବ କାଳ, ବୁଡ଼ାଇବ ଲୋଚନେ
ନେତ୍ର ବିଶାଳ ।
କପୋଲଲମ୍ବିତ-ନୀଳ-ଚୂର୍ଣ୍ଣକୁନ୍ତଳ, କରୁଥିଲା ପୂର୍ବେ ଯା ସ୍ନେହ
ଉଜ୍ଜ୍ୱଳ ।
ରୁକ୍ଷ ସ୍ନାନରେ ହୋଇଥିବ କର୍କଶ, ଉଷ୍ଣ ନିଃଶ୍ୱାସେ ଉଡୁଥିବ
ଅବଶ୍ୟ ।
ସେ ଶ୍ୱାସେ ବିମ୍ବାଧରୀ-ବିମ୍ବ ଅଧର, ବିବର୍ଣ୍ଣ ଦେଖି ହେବ ହୃଦ
କାତର ।
ସ୍ୱପନେ ସୀମନ୍ତିନୀ ମୋ ଆଲିଙ୍ଗନ, ଲଭିବା ଆଶେ
ଲୋଡୁଥିବ ବହନ ।
ନିଦ୍ରାକୁ ନିଦ୍ରାପଥ ନୟନ ନୀର, ରୋଧିଣ କରୁଥିବେ ମନ
ଅସ୍ଥିର ।
ସୁଖ ସମୟେ ସେହୁ ନ ଲୋଡ଼ି ମିଳେ, ନ ମିଳଇ ଯତନେ
ଦୁଃଖେ ଲୋଡ଼ିଲେ ।
ମେଲାଣି କାଳେ ଫୁଲମାଳ ଖସାଇ, ବାନ୍ଧିଲି ଯେ ବେଣୀ ମୁଁ

ଆବାସେ ଥାଇ ।

ଶାପ ଅନ୍ତେ ଯେ ବେଣୀ ବାନ୍ଧିବି ପୁଣି, ଅରଞ୍ଜିତ ନଖର-

କରେ ତରୁଣୀ ।

କ୍ଷଣେ କ୍ଷଣେ କପୋଳୁ ଘୁଞ୍ଚୌଥିବ । ଛାର ଅଦୃଷ୍ଟେ ଏହା

କଲା ଦଇବ ।

ନାହିଁ ସେ ପୂର୍ବ ଶୋଭା ପୂର୍ବ ଯତନ, କଳିନ୍ଦ-କନ୍ୟା-କାନ୍ତି ପୂର୍ବ

ବରଣ ।

ଗବାକ୍ଷ ମାର୍ଗେ ସୌମ୍ୟ ସୁଧାଂଶୁ-ଜର, ପଡ଼ି ଉଜଳୁଥିବ ସୌଧ

ଅନ୍ତର ।

ପୂର୍ବ ପ୍ରୀତିରୁ ଭୀରୁ ଅନାଇ ଥରେ, ଶଶିକୁ ବୁଲାଇବ ନେତ୍ର

ସତ୍ୱରେ ।

ପୀୟୁଷ-କର ତାହା ପକ୍ଷେ ଗରଳ, ତେଣୁ ଝରିବ ନେତ୍ରୁ

ଲୋତକ ଜଳ ।

ଅବରିବ ଅବଳା ପକ୍ଷ୍ମେ ବହନ, ଦୁର୍ଦ୍ଦିନ ପଦ୍ମପ୍ରାୟେ

ଆର୍ଦ୍ରନୟନ ।

ଭୂଷଣହୀନ ମୃଦୁ ଅଙ୍ଗ ଅଙ୍ଗନା, ଧୋଉଥିବ ଶୟନେ ଶୋକେ

ଉନ୍ମନା ।

ନ ଦେଖି ନୀର-ଅଶ୍ରୁ ମୁଞ୍ଚିବୁ ଘନ, ପର ଦୁଃଖେ କାତର
ମହତ ଜନ ।

ପୃଷ୍ଠା ୫

ସ୍ନେହମୟି ମୋ ପ୍ରତି ପ୍ରେୟସୀ ଚିତ୍ତ, ତେଣୁ ଏ ଦଶା ତାର
ହୁଏ ପ୍ରତୀତ ।
ଆପଣାଠାରୁ ପକ୍ଷପାତିତା ଏତେ, କହିଲି ଘନ ପୁଣି ନ ଘେନ
ଚିତ୍ତେ ।
ଯା କହିଲି ଝଟକେ ନେତ୍ର-ଗୋଚର, ହେବ ଭବନ ମୋର
ହେ କାମଚୋର ।
ଅନୁମାନ ଚିତ୍ରଇ ଏବେ ଯେ ଛବି, ନୋହିବ ତହୁଁ ଆନ ପ୍ରାଣ
ବାନ୍ଧବୀ ।
ସୁସନ୍ଦେଶ ବହି ତୁ ହେଲେ ପ୍ରବେଶ, ଉପୁଜିବ ହରଷ ହୃଦେ
ଅଶେଷ ।
ମୀନ ଗହଳେ ଚଳ କମଳ ପରି, ସ୍ଫୁରିବ ବାମନେତ୍ର ବେଗେ
ସଞ୍ଚରି ।

କଜ୍ଜଳକେଶୀ ନେତ୍ରେ ନାହିଁ କଜ୍ଜଳ, ଅପାଙ୍ଗେ ଲମ୍ବିଥିବ ଶ୍ଳଥ
କୁନ୍ତଳ ।
ମଧୁ ତିଆଗୁ ଆଗ ଭୁରୁ ବିଳାସ, ନ ଥିବ ସେ ପୂରୁବ ବକ୍ର
ବିକାଶ ।
ଅନଖ-କ୍ଷତ ବାମ ଉରୁ ବର୍ତ୍ତୁଳ, କନକ-ରମ୍ଭାତରୁ-ଗଞ୍ଜି
ମଞ୍ଜୁଳ ।
ନ ଶୋହେ ଯହିଁ ଏବେ ମୁକୁତା ହାର, ବିରହେ ହାରେ ଲୋଡ଼ା
କାହିଁ ବାଳାର ।
ସଂବାହନେ ଯାହାର ସୁରତ ପରେ, କୃତାର୍ଥ ହେଉଥିଲି ଶେଯ
ଉପରେ ।
ତୋ ମିଳନେ ସେ ଉରୁ ସ୍ଫୁରିବ ଘନ, ଭାଳିବ ଦୁଃଖ ପରା
ହେବ ଖଣ୍ଡନ ।
ସେ କାଳେ ବାଳା ଯେବେ ଥିବ ନିଦ୍ରିତ, ଅନାଇ ଅବସର ଥିବ
ସ୍ତମ୍ଭିତ ।
ଦୁଃଖୀ ପକ୍ଷେ ନିରଦ ନିଦ୍ରା ଶରଣ, ନିଦ୍ରା ଦିଅଇ ସ୍ୱପ୍ନ, ସ୍ୱପ୍ନ
ରମଣ ।
ସ୍ୱପ୍ନ ବଳେ ଅବଳା ମୋହ ଉତ୍ସଙ୍ଗେ, ବିହରୁଥିବ ସୁଖ ସୁରତ

ରଙ୍ଗେ ।
ନିଦ୍ରାଭଙ୍ଗେ ଅଙ୍ଗନା ହେବ ଆକୁଳ, ତିନ୍ତାଇବ ଲୋତକେ
ମଳଦୁକୂଳ ।
କାଳେ ଅବଳା ନେତ୍ର ମୁଦିବ ଡରି, ରଖିବୁ ଚଫଳାକୁ କୋଳେ
ଆବରି ।
ପେଷି ଶୀକର ସ୍ନିଗଧ ମଧୁ ସମୀର, ନବମାଳତୀ ସଙ୍ଗେ ସୁସ୍ଥ
ଶରୀର ।
କରି କାନ୍ତାକୁ ସୌଧ ଗବାକ୍ଷେ ବସି, ତୋଷିବୁ ତହୁଁ ବାକ୍ୟ
ସୁଧା ବରଷି ।
ହେବ ହରସ ମୋହେ ସନ୍ଦେଶ ଲଭି, କରେ ଶଶୀ ଲଭିଲା
ପ୍ରାୟେ ବଲ୍ଲଭୀ ।
କହିବୁ କାମିନୀକୁ ଘନ ଏସନ, ଜୀବନେ ଅଛି ବାଳା ତୋ
ଜୀବଧନ ।
ମୁଁ ଅଟେ ନୀରଧର ଚାର ତାହାର, ଆଣିଅଛି ତୋ ପ୍ରତି
ସୁସମାଚାର ।
ସୀମନ୍ତିନୀ କୁନ୍ତଳ ବନ୍ଧନ ଆଶେ, ପ୍ରବାସୁଁ କାନ୍ତ ଯେବେ
ଆସଇ ବାସେ ।

ମାର୍ଗେ ନିନାଦ ମନ୍ଦ୍ର ଶୁଣି ମୋହର, ଭବନ ଲଭିବାକୁ ହୁଏ
ସତ୍ୱର ।
ଏ ବାଣୀ ଶୁଣି ବାଳା ଉତ୍କଣ୍ଠାଭରେ, ବେଗେ ଚାହିଁବ ତୋତେ
ଘନ ଅମ୍ବରେ ।
ଅଶୋକ ଉପବନେ ଅଶୋକ ମୂଳେ, ରାମରମଣ ଯେହ୍ନେ
ଉତ୍କଣ୍ଠାକୁଳେ ।
ସମ୍ଭାଷିଲେ ହନୁକୁ ତରୁ ଉପରେ, ତେସନେ ତୋତେ
ସମ୍ଭାଷିବ ଆଦରେ ।
କନ୍ତ ବାରତା କାନ୍ତ ମିତ୍ର ମୁଖରୁ, ଊଣା ନୁହଇ କାନ୍ତ ସଙ୍ଗ
ସୁଖରୁ ।
ପର ଦୁଃଖ ଫେଡ଼ିଲେ ମହତ ମନ, ପରମ ପ୍ରିତୀ ରସେ ହୁଏ
ମଗନ ।
ପ୍ରିୟା ହରଷ ସୁଖ ହେବ ଅଶେଷ, କହି ଏ ସୁବାରତା ବାର
ତା କ୍ଳେଶ ।
ରାମଗିରିରେ ଥାଇ ଶୋକେ ବିକଳ, ତୋ ନାଥ ପଚାରଇ
ତୋହୋ କୁଶଳ ।
କ୍ଷଣ ଭଙ୍ଗୁର ଭବେ ପ୍ରାଣୀ-ପରାଣ, ତେଣୁ ଏ ପ୍ରଶ୍ନ ଆଦ୍ୟ

ସମ୍ଭାଷ ଜାଣ ।
ତୋ ପ୍ରାୟେ କ୍ଷୀଣ ବାଳା ତୋ ନାଥା ତନୁ, ନିତ୍ୟ ବିନ୍ଧଇ ପୁଷ୍ପଶରେ ଅତନୁ ।
ନୟନୁ ଅଶ୍ରୁ ଧାର ବହେ ନିୟତ, ଉଷ୍ଣ ନିଶ୍ୱାସେ ଦେହ ଦହେ ସନ୍ତତ ।

ପୃଷ୍ଠା ୬

ଉତ୍କଳିକା ଆକୁଳ ନିତ୍ୟ ହୃଦୟ, ରୋଧିଲା ମାର୍ଗ ବାମ ବିଧି ନିର୍ଦ୍ଦୟ ।
ସଂକଳ୍ପେ ଅଳ୍ପୋଦରି ଦୂରେ ସେ ଥାଇ, ଲଭେ ତୋ ସଙ୍ଗ ଅଙ୍ଗେ ଅଙ୍ଗ ମିଶାଇ ।
ବଦନ ଅରବିନ୍ଦ ପରଶ ଆଶେ, କୌତୁକେ କାନ୍ତ ତୋର ସଖୀ ସକାଶେ ।
ନିଗୂଢ଼ କଥା ବୋଲି ଡାକି ବିଜନେ, ହସଇ ଆନ କଥା ଭାଷି ଶ୍ରବଣେ ।
ଏବେ ସେ କାନ୍ତ ତୋର ଘୋର ପ୍ରବାସେ, ଦିନ ଗମଇ ବହି

ଖେଦ ହୁତାଶେ ।
ଆକୁଳ ହୋଇ ମୋତେ ଦେଲା ମେଲାଣି, ପେଷିଲା ତୋ
ସକାଶେ ଶୁଣ ଯେ ବାଣୀ ।
ବିରହେ କ୍ଷିପ୍ତ ପ୍ରାୟେ ଭ୍ରମଇ ଗିରି, ଶ୍ୟାମା ଅଙ୍ଗେ ଦେଖଇ
ତୋ ଅଙ୍ଗ ଶିରି ।
ଚକିତ-ମୃଗୀ-ନେତ୍ରେ ଚାରୁ ନୟନ, ଚନ୍ଦ୍ରେ ଚନ୍ଦ୍ରମା ମୁହିଁ
ବରବଦନ ।
ନୀଳକଣ୍ଠ-ପୁଚ୍ଛେ ତୋ ନୀଳକୁନ୍ତଳ, ନୀଳ ତରଙ୍ଗେ ଭ୍ରୁରୁ
ଭଙ୍ଗୀ ଚଞ୍ଚଳ ।
ଏକତ୍ରେ ଦେଖିବାର ଏ ଶୋଭାମାନ, ନାହିଁ ନୋହିବ ଅନ୍ୟ
ତୋ ବିନୁ ପ୍ରାଣ ।
ମାନବତୀ ମୂରତି ତୋର ଏ ବନେ, ଧାତୁରାରେ ଶିଳାରେ
ଚିତ୍ରି ଯତନେ ।
ପାଦେ ପଡ଼ିଲା ବେଳେ ନୟନ-ଜଳ, ଦୃଷ୍ଟି ରୋଧି କରଇ ମନ
ବିହ୍ୱଳ ।
କ୍ରୁର ଦଇବ ବାଳା କଲା ଏସନ, ନ ସହିଲା ଚିତ୍ରେ ତୋ
ସଙ୍ଗେ ମିଳନ ।

ଏଥୁ ବଳି କଷଣ କାହିଁ ମହୀରେ, ନାହିଁ କରୁଣା ଲେଶ ବିହି
ଶରୀରେ ।
ତୋ ବିରହେ ଏ ଦେହ ନିତ୍ୟ ଜର୍ଜର, ପୁଣି ବିନ୍ଧଇ ମୁହୁଃ
ଅନଙ୍ଗ ଶର ।
ଜଳଦ କାଳ ଆସି ହେଲା ପ୍ରବେଶ, ନୀଳ ଘନ ଘୋଟିଲା
ଅମ୍ବର ଦେଶ ।
ଗଗନେ ସୌଦାମିନୀ ଘନ ଝଟକେ, ଦମ୍ଭୋଳି ଭୀମନାଦେ
ମନ ଚମକେ ।
କି ରୂପେ ଗମିବି ମୁଁ ଏ ଘୋର କାଳ, ଭାବ ଭାବିନି କଷ୍ଟ
କେଡ଼େ କରାଳ ।
ସ୍ୱପନେ ବାଳା ତୋହୋ ଲାଭ ସକାଶେ, ପ୍ରସାରି ବେନି ବାହୁ
ଆଶ୍ଲେଷ ଆଶେ ।
ଶୂନ୍ୟକୁ ଭଡ଼ି ମୁଁ ତା ଦେଖି ଧନ, ବର୍ଷଇ ଅଶ୍ରୁ ବନଦେବୀ
ନୟନ ।
ଅଶ୍ରୁ ବିନ୍ଦୁ ମୁକୁତାପନ୍ତି ସୁନ୍ଦର, ପ୍ରାତେ ପାଦପ ପର୍ଣ୍ଣେ ଝରେ
ବିସ୍ତର ।
ମୋ ଦୁଃଖେ ବିଳପନ୍ତି ଗିରି କାତରେ, ଅଶ୍ରୁ ଛଳେ ଦେହରୁ

ନିର୍ଝର ଝରେ ।
ହିମଗିରିରୁ ବହେ ଶୀତ ସମୀର, ଦେବଦାରୁ ପାଦପ ସୁରଭି କ୍ଷୀର-
ସୌରଭ ହରି ତରୁପତ୍ରେ ମର୍ମରି, ଦକ୍ଷିଣେ ହିମ-ପକ୍ଷେ ବେଗେ ପ୍ରସରି ।
ବହଇ ବାଳା ସେ ତୋ ଦେହ ସୌରଭ, ସେ ସୌରଭ ମନ୍ଦାରେ ନୁହେଁ ସୁଲଭ ।
ସେ ସୌରଭ ଆଶେ ମୁଁ ଗନ୍ଧବହେ, ସେବଇ ସୀମନ୍ତିନି ସଦା ଆଗ୍ରହେ ।
ତୋ ବିରହ ସନ୍ତାପେ ସଦା ତପତ, କିରୂପେ କ୍ଷଣପ୍ରାୟେ କ୍ଷଣଦା ଗତ ।
ହୋଇବ ମନ୍ଦ ହେବ ମିହିର କର, କରଇ ଏ କାମନା ନିତ୍ୟ ମନର ।
ଶାପ ମୋଚନେ ପୂର୍ବ ସୁଖ ପ୍ରାପତି, ନିଶ୍ଚେ ହୋଇବ ଏହି ଆଶେ ଯୁବତି ।
ସମ୍ଭାଳିଛି ହୃଦୟ ତେଣୁ କାତର, ନ ହୁଅ ଭବିଷ୍ୟତେ କର ନିର୍ଭର ।

ସୁଖ ଦୁଃଖ ଜଗତେ ନୁହଇ ଚିର, ଚକ୍ରଗତି ପରାଏ ଚିର
ଅସ୍ଥିର ।
ସୁଖ ଅନ୍ତେ ଆସିଲା ଏ ଦୁଃଖ ଦିନ, ପୁଣି ଲଭିବା କାଳେ ଖସୁ
ନବୀନ ।
ଭୁଜଙ୍ଗ ଶେଯୁ ଯେବେ ଉଠିବେ ହରି, ଲଭିବ ବାସେ ପୁଣି
ତୋତେ ସୁନ୍ଦରୀ ।
ଗମ ଏ ଚାରିମାସ ମୁଦି ଲୋଚନ, ଏ ଅନ୍ତେ ନିଶ୍ଚେ ମୋର
ଶାପମୋଚନ ।
ବିରହେ ବାଞ୍ଛା ଯେବେ ଉପୁଜେ ମନେ, ଶରତପୂର୍ଣ୍ଣ କଳାକାର
କିରଣେ ।
ସାଧ୍ୱୀ ତୋ ସଙ୍ଗେ ଥିବି ସାଧିବି ବାସେ, ନିହିବି ହୃଦ-ଶଶୀ
ହୃଦ ଆକାଶେ ।
ଫୁଟିବେ ତାରାବଳୀ ନୀଳ ଗଗନେ, ଫୁଟିବ ଫୁଲ କଳୀ ଫୁଲ
କାନନେ ।

କୌମୁଦୀ ହସୁଥିବ କୁମୁଦ ସଙ୍ଗେ, ପ୍ରମୋଦେ ଭାସୁଥିବ
ସରସୀ ଅଙ୍ଗେ ।
ସୌଧେ ଭୁଧରେ ସରେ ସ୍ୱର୍ଣ୍ଣଦୀ-ନୀରେ, ବିରାଜିବ ରଜତ
ଜ୍ୟୋତ୍ସ୍ନା ରୁଚିରେ ।
ନିର୍ଭର ବିକସିତ ରଙ୍ଗବଧୂଲି, ବନୁ ପରାଗ ପଡୁଥିବ ଉଛୁଳି ।
ଦିଗବିଦିଗ ଦିଶୁଥିବ ଲଳିତ, କରୁଣେ ଗାଉଥିବେ ଚିଢ଼ିଭେ
ଗୀତ ।
ଦୂରେ ମାନସ ନୀରେ ଶଶୀ ନର୍ତ୍ତନ, ସୌଧ ଶିଖରୁ ଦିଶୁଥିବ
ଯତନ ।
ଶଶୀଙ୍କୁ ଚାହିଁ ଧୀରବାତେ ଅଥୟ, ଶିଶିର ପୂଉଥିବେ
ମୁକୁଳଚୟ ।
ଲଳିତା ତୋ ସଙ୍ଗତେ ରଙ୍ଗେ ଭ୍ରମିବି, ଲଳିତ ତୋ ସଙ୍ଗୀତେ
ଚିତ୍ତ ରମିବି ।
ପଡ଼ଇ କିରେ ମନେ ପରାଣମିତ, ଭିଡ଼ି ଭୁଜ ମୋ କଣ୍ଠେ ଥିଲୁ
ନିଦ୍ରିତ ।
ଜାଗି କାନ୍ଦିଲୁ ଦିନେ କାତର ସ୍ୱରେ, ପଚାରନ୍ତେ କହିଲୁ ହସି
ଉତ୍ତରେ ।

ଦେଖଲି ଅପରୂପ, ଶଠ ! ସ୍ୱପନେ, ଆନ ରଙ୍ଗିଣୀ ତୁମ୍ଭ
ସଙ୍ଗେ ଶୟନେ ।
ସ୍ମିତ-ଲଳିତ ଚାରୁ ଚନ୍ଦ୍ର ବଦନ, ସୁରଭ ଚନ୍ଦ୍ରାନନି ! ମନ
ବହନ ।
ଏ ଅଭିଜ୍ଞାନ ଲଭି ଏ ଚାରିମାସ, ଗମିବୁ ନ ହୋଇବୁ ଖେଦେ
ହତାଶ ।
ଅଳୀକ ପ୍ରବାଦକୁ ନ ଯିବୁ ପ୍ରତେ, ଜୀବନେ ଅଛି ଧନ ଜାଣିବୁ
ସତେ ।
ଦୀର୍ଘ ବିରହ ଅଟେ ସ୍ନେହ ନାଶକ, ଭୋଗ ଅଭାବେ ସେହୁ
ସ୍ନେହ-ପୋଷକ ।
ଭୋଗ ଅଭାବେ ପ୍ରିୟା ପ୍ରେମସରିତ, ପ୍ଲାବନେ ପ୍ରିୟା ପାଶେ
ହୁଏ ଧାବିତ ।
ମଉନେ ଅଛି ଘନ ନାହିଁ ମୋ ଭୟ, ଫଳିବ ମୋ ଅଭୀଷ୍ଟ
ନାହିଁ ସଂଶୟ ।
ଚାତକ ଜଳ ମାଗେ ପ୍ରତି ଉତ୍ତର, ନ ଦେଇ ନୀର ତାକୁ ଦିଅ
ସତ୍ୱର ।
ମହତ ଜନର ଏ ରୀତି ଅଟଇ, ଅଭୀଷ୍ଟ ଦାନ ପ୍ରତିବାଣୀ

କେବଳ ।

ବଚନେ ଲୋଡ଼ା ନାହିଁ ମୋର ଜଳଦ, ମଉନେ ଇଷ୍ଟ ଲାଭ

ପରମ ପଦ ।

ବିରହିଣୀ କାନ୍ତାକୁ ଦେଇ ଆଶ୍ୱାସ, ଶଙ୍କର ବୃକ୍ଷ ଖୁର କ୍ଷତ

କୈଳାସ ।

ଛାଡ଼ି, ନେଉଟି ଏଥି ପ୍ରିୟା ସନ୍ଦେଶେ, ଅଭିଜ୍ଞାନେ ତୋଷିବ

ମୋତେ ବିଦେଶେ ।

ପ୍ରାତେ ଶିଥିଳ ଯେହ୍ନେ କୁନ୍ଦ ସୁମନ, ଶିଥିଳ ତହୁଁ ଘ ମୋହୋ

ଜୀବନ ।

ଜୀବଧାରଣ ହେବ ବାରତା ଲାଭେ, ବାରତା ଲଭିବି ମୁଁ

ତୋହୋ ପ୍ରଭାବେ ।

ରାଗ - ରସକୁଲ୍ୟା

ଦୀନ ଅଟଇ ମୁଁ ତୁମ୍ଭେ ମହତ, ଏଣୁ ଏ ମାଗୁଣି ନୋହେ

ସଙ୍ଗତ ।

ମାତ୍ର ଅଟ ଘନ ଦୟା ଆକର, ଦୟା ନ ଜାଣଇ ଶ୍ରେଷ୍ଠ ଇତର

।

ଏଣୁ କହିଲି ଏସନ ହେ ।

ଦାରୁ ଦୂବଙ୍କର ସମ ହିତକର, ଅଟ, ତେଣୁ ଏ ଯାଚନ ହେ ।
କାତର ଜନର ହୋଇ ବାନ୍ଧବ, ଜଗତେ ପ୍ରକଟି ନିଜ ଗୌରବ
।
ଅଳକା ପ୍ରବେଶି ପ୍ରିୟା ସଦନେ, ଦେଇ ମୋ ବାରତା ହରଷ
ମନେ,
ଘନ ଯାଅ ଇଷ୍ଟ ଦେଶ ହେ, ତଡ଼ିତ ସଙ୍ଗତେ ବିରହ ନିରତେ,
ମୋ ପ୍ରାୟେ ନୋହୁ ବିଶ୍ଳେଷ ହେ ।

ସମାପ୍ତ

"https://or.wikisource.org/w/index.php?title=ମେଘଦୂତ&oldid=23984" ରୁ ଅଣାଯାଇଅଛି

Last edited ୧୦ months ago by Jna...

ଦର୍ଶାଯାଇନଥିଲେ ସମସ୍ତ ବିଷୟବସ୍ତୁ CC BY-SA 3.0 ରେ ଉପଲବ୍ଧ
।